## ସଂକ୍ଷେପରେ

### ଜଳିଗଲା ବାଇକ୍

ଏମଭି-୭୯,୩।୫(ଡି.ଏନ.ଏ)-କାଲିମେଲା ବ୍ଲକ ଏମଭି-୭୯ ଥାନା ସମ୍ମୁଖ ନାକା ନିକଟରେ ପୋଲିସ ଗାଡି ଯାଞ୍ଚ ସମୟରେ ଏକ ବାଇକ୍‌ରେ ହଠାତ୍ ନିଆଁ ଲାଗି ଜଳି ଯାଇଛି। ଆନ୍ଧ୍ରପ୍ରଦେଶର ଏକ ଦମ୍ପତି ପୁଅକୁ ଧରି ଚିନ୍ତୁର ଗ୍ରାମରୁ କାଲିମେଲା ଅଭିମୁଖେ ଆସୁଥିଲେ। ଏମଭି ୭୯ ଥାନା ସମ୍ମୁଖରେ ପୋଲିସ ବାଇକ୍ ଯାଞ୍ଚ କରିବା ନିମନ୍ତେ ସେମାନଙ୍କୁ ଅଟକାଇଥିଲା। ଏହି ସମୟରେ ଗାଡିରୁ ଧୀରେ ଧୀରେ ଧୂଆଁ ବାହାରିବାକୁ ଲାଗିଲା। କିଛି ସମୟରେ ପେଟ୍ରୋଲ ପାଇପରେ ନିଆଁ ଲାଗି ଗାଡିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିଲେ। ଗାଡିଟି ବହୁ ଦୁରରୁ ଆସିଥିବାରୁ ଅତ୍ୟଧିକ ଗରମ ହୋଇ ନିଆଁ ଲାଗିଯାଇଥିବା ଅନୁମାନ କରାଯାଉଛି।

### ଏଲଏସଡିଏର ସ୍ୱତନ୍ତ୍ର ଅଧିକାରୀଙ୍କ ଯୋଗଦାନ



ଗୁଣପୁର,୩।୫ (ଡି.ଏନ.ଏ.)-ରାୟଗଡା ଜିଲା ଗୁଣପୁର ବ୍ଲକ ପୁଟାସିଂସ୍ଥିତ ଲାଞ୍ଜିଆ ସୌରା ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଭାବେ ଅସୀମା ରାଓ ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେ ଏହାପୂର୍ବରୁ ଭବାନୀପାଟଣା ଠାରେ ଅତିରିକ୍ତ ଜିଲା ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏଠାରେ ଥିବା ଚୈତନ୍ୟ ମାଝୀଙ୍କୁ ପାର୍ଶାଲି ଡଙ୍ଗରିଆ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଭାବେ ବଦଳି ହୋଇଛି।

### ୧୩ ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ରାୟଗଡ଼ା ଅଫିସ,୩।୫- ରାୟଗଡା ଜିଲା ଆଇନ ସେବା ପ୍ରାଧିକରଣ ଅନୁକୁଲ୍ୟରେ ଜିଲାସ୍ତରୀୟ ଓ ତାଲୁକାସ୍ତରୀୟ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବ। ଉକ୍ତ ଅଦାଲତରେ ବିଚାରାଧୀନ ମାମଲା ଯଥା ଦେୱାନୀ, ଫୌଜଦାରୀ, ମୋଟରଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନସ ମାମଲା ଇତ୍ୟାଦିର ଆପୋଷ ସମାଧାନ କରାଯାଇପାରିବ। ବିଚାରାଧୀନ ମକଦ୍ଦମା ସହ ଉକ୍ତ ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାକ ମକଦ୍ଦମା ସ୍ତରୀୟ ତଥା କଚେରୀରେ ଦାୟର ହୋଇ ନଥିବା ବିବାଦର ମଧ ସମାଧାନ କରାଯାଇ ପାରିବ ବୋଲି ଜିଲା ଆଇନ ସେବା ପ୍ରାଧିକରଣର ସଚିବ ନିବେଦିତା ପଣ୍ଡା ସୂଚନା ଦେଇଛନ୍ତି। ଲୋକ ଅଦାଲତରେ କୌଣସି ପ୍ରକାର ଆର୍ଥିକ ବ୍ୟୟ କରିବାକୁ ପଡୁ ନଥିବାରୁ ଜନସାଧାରଣ ଏହାର ସୁଯୋଗ ନେବାକୁ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

### ବୋଲେରୋ ଦୁର୍ଘଟଣାଗ୍ରସ୍ତ, ବର୍ତ୍ତିଲେ ଯାତ୍ରୀ

ବାଲିମେଲା,୩।୫(ଡି.ଏନ.ଏ.)- ବାଲିମେଲା-ଜୟପୁର ମୁଖ୍ୟ ରାସ୍ତାର ବାଲିମେଲା ଛକ ନିକଟ ବୁଲାଣିରେ ଏକ ବୋଲେରୋ ଭାରସାମ୍ୟ ହରାଇବାରୁ ଗଛରେ ପିଟି ହୋଇ ଓଲଟି ପଡ଼ିଛି। କୋରୁକୋଣ୍ଡା ବ୍ଲକ ଚିତାପାରୀ ୩ ପଞ୍ଚାୟତ ସଦାଶିବପୁର ଗ୍ରାମକୁ ବୈପାରିଗୁଡାରୁ ବିବାହ କାର୍ଯ୍ୟ ଯୋଗ ଦେବାପାଇଁ ଏକ ବୋଲେରୋ କିଛି ଲୋକ ଆସିଥିଲେ। ପରେ ବୋଲେରୋଟି ବାଲିମେଲା ସହରକୁ କୌଣସି କାର୍ଯ୍ୟରେ ଆସି ଅପରାହ୍ନରେ ସଦାଶିବପୁର ଗ୍ରାମକୁ ଫେରୁଥିବା ସମୟରେ ଶିଖ ମନ୍ଦିର ନିକଟରେ ଥିବା ବୁଲାଣିରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଗାଡ଼ିରେ ଡ୍ରାଇଭର ସହ ଜଣେ ଯାତ୍ରୀ ଥିଲେ।

# ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଗୁଣିଆ ନୁହେଁ, ଡାକ୍ତର ପରାମର୍ଶ କରନ୍ତୁ

**ରାୟଗଡ ଅଫିସ,୩।୫**




କର୍ମ ଶାଳାରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ରାୟଗଡ଼ା ଜିଲାରେ ଡାହାଣୀ ପ୍ରଥା ନିରୋଧ ଆଇନ ବିଷୟରେ ସଚେତନତା ସୃଷ୍ଟି ନିମନ୍ତେ ଜିଲା ପ୍ରଶାସନ ତରଫରୁ ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଏକ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝୀ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ମମତା ଚୋଧୁରୀ, ଆଇୟୁସିଏଡବ୍ଲୁର ଡିଏସପି ଉଲ୍ଲାସ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଆକ୍ସନ ଏଡର ଆସୋସିଏଟ ଦେବବ୍ରତ ପାତ୍ର ଓ ରାଜ୍ୟ ପରିଚାଳକ ବି. ଏନ ଦୁର୍ଗା ପ୍ରମୁଖ ସାଧନ କର୍ମୀ ଭାବେ ଯୋଗ ଦେଇ ଗତ ଦିନରେ ଓଡିଶା ରାଜ୍ୟ ମହିଳା କମିଶନ ଓ ଆକ୍ସନ ଏଡ୍ ଦ୍ୱାରା ବିଭିନ୍ନ ଜିଲାରେ ଡାହାଣୀ ପ୍ରଥା ଓ ଗୁଣିଗାରେଡି ସମ୍ବନ୍ଧରେ କରାଯାଇଥିବା ଅଧ୍ୟୟନର ରିପୋର୍ଟକୁ ଉପସ୍ଥାପନ କରିଥିଲେ।

ସ୍ୱାସ୍ଥ୍ୟ ଜନିତ ସମସ୍ୟା ହେଲେ ଲୋକେ ଗୁଣିଗାରେଡି ଭଳି ଅନ୍ଧ ବିଶ୍ୱାସ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଯାହାଫଳରେ ଅକାଳରେ ଜୀବନ ଚାଲିଯାଉଛି। ଡାହାଣୀ ପ୍ରଥା ନିରୋଧ ଆଇନ ୨୦୧୩ ବିଷୟରେ ଆଲୋଚନା କରି ଆକ୍ସନ ଏଡ ରାଜ୍ୟ ପରିଚାଳକ ଦୁର୍ଗା ଆଇନ ଅନୁସାରେ ଥିବା ଦଣ୍ଡ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ଡାହାଣୀ ଏକ ଅନ୍ଧ ବିଶ୍ୱାସ ବୋଲି ଯେତେଦିନ ଯାଏ ଲୋକେ ଅନୁଭବ କରି ନାହାନ୍ତି ସେତେଦିନ ପର୍ଯ୍ୟନ୍ତ ଏହି ପ୍ରଥା ପ୍ରଭାବ ବିସ୍ତାର କରି ଚାଲିଥିବ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଚୌଧୁରୀ ଗାଁ କଲ୍ୟାଣ ସମିତି ମାଧ୍ୟମରେ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବ ବୋଲି କହିଥିଲେ। ଆମ ପୋଲିସ ସମିତି ସମିତି ମାଧ୍ୟମରେ ମଧ୍ୟ ଏହି ସଚେତନତା କାର୍ଯ୍ୟକ୍ରମ କରିବା ପାଇଁ ଉପସ୍ଥିତ ଅଧିକାରୀ ମାନେ ଗୁରୁତ୍ୱ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଓ ଆକ୍ସନ ଏଡର ଜିଲ୍ଲା ସଂଯୋଜକ ରତ୍ନେଶ୍ୱର ସାହୁଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକର ସିଡିପିଓ ଓ ସୁପରଭାଇଜର, ସଖୀ ୱାନ ଷ୍ଟପ ସେଣ୍ଟର, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। କର୍ମଶାଳାକୁ ଜିଲା ସମାଜ ମଙ୍ଗଳ ଅଧିକାରୀ ଯାଜ୍ଞସେନୀ ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିଲା ବେଳେ କାର୍ଯ୍ୟକ୍ରମ ଅଧିକାରୀ କାମାକ୍ଷୀ ମଞ୍ଜରି ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରକ୍ ସହ ୪ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ



ଜବତ ହୋଇଥିବା ଟ୍ରକ୍।

**ପଦ୍ମପୁର,୩।୫(ଡି.ଏନ.ଏ.)**

ରାୟଗଡ଼ା ଜିଲା ପଦ୍ମପୁର ପୋଲିସ କେନ୍ଦୁଗୁଡା ଫାଣ୍ଡି ନିକଟସ୍ଥ ଜାତୀୟ ରାଜପଥ ଡୁମୁଳାପଦରଠାରୁ ଗଞ୍ଜେଇ ବୋଝେଇ ଏକ ଟ୍ରକ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ପଞ୍ଜାବର ବାହାଦୂର ସିଂ ଓ ବଲରାଜ ସିଂ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପଦ୍ମପୁର ପୋଲିସ ପାଟ୍ରୋଲିଂ କରିବା ସମୟରେ ଡୁମୁଳାପଦରରେ ଟାୟାରରେ ବ୍ୟବହୃତ ରବର ବୋଝେଇ ଟ୍ରକ୍(ପିବି୧୧ବିୟୁ ୮୭୩୨)କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ସେଥିରୁ ୪ କୁଇଣ୍ଟାଲ ଗଞ୍ଜେଇ ମିଳିଥିଲା। ପୋଲିସ ଟ୍ରକ୍ ସହ ଗଞ୍ଜେଇ ଜବତ କରିଛି। ଏ ନେଇ ପଦ୍ମପୁର ଥାନାରେ ଏଡିପିଏସ ଆକ୍ଟରେ ନଂ.୮୦ ରେ ଏକ ମାମଲା ରୁଜୁ ସହ ଗଞ୍ଜେଇ ଚାଲାଣ କରୁଥିବା ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତଦ୍ୱୟ ଆନ୍ଧ୍ର ପ୍ରଦେଶର ରାଜମହେନ୍ଦ୍ରି ଠାରୁ ଟାୟାରରେ ବ୍ୟବହୃତ ରବର ବଣ୍ଡଲ ଧରି ପଞ୍ଜାବ ଫେରିବା ସମୟରେ ଗଜପତି ଜିଲାର ଅଡବା ଅଟଳରୁ ଗଞ୍ଜେଇ ଲୋଡ କରି ଚାଲାଣ କରୁଥିଲେ ଗୁଣପୁର ଏସଡିପିଓ ବିକାଶ ରଞ୍ଜନ ଦେହୁରୀ ସୂଚନା ଦେଇଛନ୍ତି।

# ଗୁଣପୁରର ଗୌରୀଶଙ୍କର ପଣ୍ଡାଙ୍କୁ 'ସିନେ କ୍ରିଟିକ ସମ୍ମାନ'

**ଗୁଣୁପୁର,୩।୫(ଡି.ଏନ.ଏ.)**

ରାୟଗଡା ଜିଲା ପୁରୁଣା ଗୁଣପୁରର ବିଶିଷ୍ଟ ସିନେ ସମୀକ୍ଷକ ଗୌରୀ ଶଙ୍କର ପଣ୍ଡାଙ୍କୁ ପ୍ରଥମ ଓଡିଆ ଚଳଚ୍ଚିତ୍ର 'ସୀତା ବିବାହ'ର ୮୮ବର୍ଷ ପୂର୍ତ୍ତି ଅବସରରେ ସମ୍ମାନିତ କରାଯାଇଛି। ସୀତା ବିବାହର ୮୮ ବର୍ଷ ପୂର୍ତ୍ତି ଲାଗି ଗତ ୨୮ ତାରିଖରେ ଓଡିଶା ସିନେ କ୍ରିଟିକ ଆସୋସିଏସନ ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଉଦ୍ୟମରେ ଭୁବନେଶ୍ୱରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡିଆ ଚଳଚ୍ଚିତ୍ର ସମୀକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ପ୍ରଯୋଜିକା ତଥା କାଦମ୍ବିନୀର ସମ୍ପାଦିକା ଡ. ଇତି ସାମନ୍ତ, ଚଳଚ୍ଚିତ୍ର ନିର୍ଦ୍ଦେଶକ ପ୍ରଣବ ଦାସ ଓ ପ୍ରଯୋଜକ ଲୁଟୁ ମହାନ୍ତି ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ତଥା ବରିଷ୍ଠ ସମ୍ବାଦିକ ପ୍ରଦୋଷ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ତଥା ବରିଷ୍ଠ ସିନେ ସମୀକ୍ଷକ ଦିଲୀପ ହାଲି ବିବରଣୀ ପ୍ରଦାନ କରିଥିଲେ। ଗତ ୧୯ ତାରିଖରେ 'ଗୀତରେ ଗୀତରେ ପ୍ରଶାନ୍ତ ପାଢୀ' କାର୍ଯ୍ୟକ୍ରମରେ ମଧ୍ୟ ଗୌରୀଶଙ୍କର ସମ୍ମାନୀତ ହୋଇଛନ୍ତି। ସେ ଏହା ପୂର୍ବରୁ ଚିତ୍ରପୁରୀ ସୁବର୍ଣ୍ଣ ଜୟନ୍ତୀ ସମ୍ମାନ, ଓଡିଆ ଚଳଚ୍ଚିତ୍ରର ୭୦ବର୍ଷ ପୂର୍ତ୍ତୀ ଉପଲକ୍ଷେ ବାଣୀଚିତ୍ର ସମ୍ମାନ, ଚଳଚ୍ଚିତ୍ର ଜଗତ ସମ୍ମାନ, ସିନେମା ସଂସାର ସମ୍ମାନ, ସିନେମା ଦୁନିଆ ସମ୍ମାନ, ରୁପରଙ୍ଗ ରୌପ୍ୟ ଜୟନ୍ତୀ ସମ୍ମାନ, ଓଡିଶା ଫିଲ୍ମ ଫେୟାର ସମ୍ମାନ, ସୋ ଟାଇମ ସମ୍ମାନ, ସିନେ ସେଲିବ୍ରେଟି ସମ୍ମାନ, ରୂପନଗରୀ ମାୟାନଗରୀ ସମ୍ମାନ, ବାଣୀଚିତ୍ର-୨୦୧୩ ସମ୍ମାନ ଓ ରାୟଗଡା ଜିଲା ସାମ୍ବାଦିକ ସଂଘ ପକ୍ଷରୁ ହାସଲ କରିଛନ୍ତି। ୧୯୮୫ରୁ ଚଳଚ୍ଚିତ୍ର ପୃଷ୍ଠା ପାଇଁ ଲେଖା ଆରମ୍ଭ କରିଥିବା ଗୌରୀ ଶଙ୍କର ପଣ୍ଡା ଦିର୍ଘ ୩୮ ବର୍ଷ ହେଲା ରାଜ୍ୟର ପ୍ରାୟ ସବୁ ସିନେ ପତ୍ରିକା ଓ କେତୋଟି ଦୈନିକ ଖବରକାଗଜର ଚଳଚ୍ଚିତ୍ର ପୃଷ୍ଠା ପାଇଁ ଲେଖା ଅବ୍ୟାହିତ ରଖିଛନ୍ତି। ତାଙ୍କର ଏହି ସଫଳତା ପାଇଁ ବହୁ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଶୁଭେଚ୍ଛା ଜଣାଇଛନ୍ତି।




ଗୌରୀଶଙ୍କର ପଣ୍ଡାଙ୍କୁ ସମ୍ମାନିତ କରାଯାଉଛି।

# ସାମ୍ବାଦିକଙ୍କ ମୌଳିକ ଅଧିକାର ପାଇଁ ଦାବିପତ୍ର

**ରାୟଗଡ଼ା,(ସ୍ୱ.ପ୍ର.)/ ରାୟଗଡ଼ା ଅଫିସ,୩।୫**

ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଉପଲକ୍ଷେ ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘ, ରାୟଗଡ଼ା ଜିଲାର ସଭାପତି ଦୟାନନ୍ଦ ଖାଡ଼ାଙ୍ଗାଙ୍କ ନେତୃତ୍ୱରେ ସାମ୍ବାଦିକଙ୍କ ନ୍ୟାର୍ଯ୍ୟ ଅଧିକାର ନେଇ ୭ ଦଫା ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଅନେକ ଯୋଜନା ଲାଗୁ କରିଛନ୍ତି। କିନ୍ତୁ ସମାଜର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଦ୍ୱାରା କରାଯାଉଥିବା ମୌଳିକ ଦାବିଗୁଡ଼ିକୁ ପୂରଣ ନ କରିବା ପରିତାପର ବିଷୟ। ଅନେକ ସମୟରେ କାର୍ଯ୍ୟରତ ସାମ୍ବାଦିକମାନେ ସତ୍ୟ ଖବର ପରିବେଷଣ କରି ଦୁର୍ନୀତିଖୋର ବ୍ୟକ୍ତିଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ନିକଟରେ ଛତିଶଗଡ଼ ସରକାର କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ସୁରକ୍ଷା ଆଇନ ଲାଗୁ କରିଛନ୍ତି। ଯାହାଫଳରେ ସାମ୍ବାଦିକ ମାନେ ଲୋକଙ୍କ ସମସ୍ୟା ଓ ହେଉଥିବା ଦୁର୍ନୀତିକୁ ଲୋକ ଲୋଚନକୁ ଆଣିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସହାୟକ ହୋଇପାରିବେ। ଓଡ଼ିଶା ସରକାର ମଧ୍ୟ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ନିହାତି ଆବଶ୍ୟକ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ସ୍ମାରକପତ୍ରରେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶି ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ସ୍ୱାସ୍ଥ୍ୟ ବୀମା ପାଇଥିବା ସାମ୍ବାଦିକ ମାନଙ୍କ ଯାତାୟାତ ନିମନ୍ତେ ରେଳ ପାସ ଓ ବସ ପାସ ପ୍ରଦାନ କରିବା, ବୀମା ପାଇଥିବା ସାମ୍ବାଦିକଙ୍କୁ ସରକାରୀ ଅଧିସ୍ୱୀକୃତି ପ୍ରଦାନ କରିବା, ସାମ୍ବାଦିକଙ୍କ ଅବସର ପରେ ଜୀବନବ୍ୟାପୀ ପେନସନ ଲାଗୁ କରିବା, ସାମ୍ବାଦିକଙ୍କ ପାଇଁ ସୁରକ୍ଷା ନିମନ୍ତେ ସୁରକ୍ଷା ଆଇନ ଲାଗୁ କରିବା ଆଦି ଦାବି ଉଲ୍ଲେଖ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘ ରାୟଗଡ ଜିଲ୍ଲାର ଉପ ସଭାପତି ଶ୍ରୀନିବାସ ବଳିଆର ସିଂ, ସମ୍ପାଦକ ମନୋଜ କୁମାର ସାହୁ ଓ ଉପଦେଷ୍ଟା ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଗାନ୍ଧୀ ପବ୍ଲିକ ସ୍କୁଲ ଛାତ୍ରଙ୍କ ସଫଳତା



ପୋଲା ଗୌତମ ସାଇ



ଏମ. ସାଇ ରୋହିତ



ପ୍ରତୀକ ହିଆଲ

**ଗୁଣପୁର,୩।୫(ଡି.ଏନ.ଏ)**

### ଜେଇ ମେନ ପରୀକ୍ଷା

ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଗାନ୍ଧୀ ପବ୍ଲିକ ସ୍କୁଲର ଛାତ୍ରମାନେ ଜେଇ ମେନ ପରୀକ୍ଷାରେ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀ ଛାତ୍ର ପୋଲା ଗୌତମ ସାଇ, ଏମ. ସାଇ ରୋହିତ ଓ ପ୍ରତୀକ ହିଆଲ ଜେଇ ମେନରେ କୃତକାର୍ଯ୍ୟ ହୋଇ ଜେଇ ଆଡଭାନ୍ସ ପରୀକ୍ଷା ଦେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଦ୍ୟାଳୟର ଉନ୍ନତ ସର୍ବ ଭାରତୀୟ ପରୀକ୍ଷା ପ୍ରସ୍ତୁତି ଏବଂ ସମାନ୍ତରାଳ ଜେଇଇ- ନିଟ କୋଚିଂ ସହ ଉଭୟ ଅନଲାଇନ ଓ ଅଫ ଲାଇନ ମାଧ୍ୟମରେ ମକ ଟେଷ୍ଟ ଛାତ୍ରଛାତ୍ରୀ ମାନଙ୍କର ସଫଳତାର ମୁଖ୍ୟ କାରଣ ହୋଇପାରିଛି ବୋଲି କୁହାଯାଇଛି। ପୂର୍ବରୁ ମଧ ଅନେକ ଛାତ୍ରଛାତ୍ରୀ ସର୍ବ ଭାରତୀୟ ସ୍ତରରେ ଶିକ୍ଷା ଲାଭ କରିବା ସହିତ ଅନେକ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇପାରିଛନ୍ତି। ବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ, ଜିଆଇଇଟି ବିଶ୍ୱବିଦ୍ୟାଳୟର ମହାନିର୍ଦ୍ଦେଶକ ଡ଼ଃ ଜଗଦୀଶ ପଣ୍ଡା, ସଭାପତି ଡ଼ଃ ସତ୍ୟପ୍ରକାଶ ପଣ୍ଡା ଓ ଉପ ସଭାପତି ଡ଼ଃ ଚନ୍ଦ୍ରଧଜ ପଣ୍ଡା କୃତୀ ଛାତ୍ରମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ନବନିର୍ମାଣ କୃଷକ ସଙ୍ଗଠନର ଲୋକସମ୍ପର୍କ ଯାତ୍ରା

**ରାୟଗଡା ଅଫିସ,୩।୫**

ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ରାୟଗଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ଏକ ସଭା ଆୟୋଜିତ ହୋଇଯାଇଛି। ଉକ୍ତ ସଭାରେ ଜିଲ୍ଲାର ଶହ ଶହ କୃଷକ ଏକତ୍ରିତ ହୋଇ ଥିଲେ। ଦେଶରେ ଚାଷୀଙ୍କ ସରକାର ହେଉ ବୋଲି ସେମାନେ ଦାବି ଉପସ୍ଥାପନ କରିଥିଲେ। ନବ ନିର୍ମାଣ କୃଷକ ସଙ୍ଗଠନର ପ୍ରାଥମିକ ମାର୍ଗଦର୍ଶନରେ ଅର୍ଥନୈତିକ, ସାମାଜିକ, ସଂସ୍କୃତିକ ଅଗ୍ରଣୀ ସଂଗଠକ ମାନଙ୍କୁ ନେଇ ରାଜ୍ୟ ବ୍ୟାପି ଲୋକ ସମ୍ପର୍କ ଯାତ୍ରା ଅକ୍ଷୟ ତୃତୀୟାଠାରୁ ପୁରୀର ବେଦାନ୍ତ ବିଶ୍ୱ ବିଦ୍ୟାଳୟରୁ ଆରମ୍ଭ ହୋଇ ଥିବା ବେଳେ ଆସନ୍ତା ୮ ତାରିଖରେ ଭୁବନେଶ୍ୱର ସମାପ୍ତି ହେବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର, ଶେଷଦେବ ନନ୍ଦ, ଚାଷୀ ଏକତା ପରିଷଦ ଜିଲ୍ଲା ସଭାପତି ପ୍ରତାପ ପୁଆଲା,ପ୍ରିତମ କୁମାର, ଶଙ୍କର ନାଇଡୁ, ଧର୍ମେନ୍ଦ୍ର ନାଇକ, ନିରଞ୍ଜନ ବିଡ଼ିକା ପ୍ରମୁଖ ବ୍ୟକ୍ତି ମାନେ ଉପସ୍ଥିତ ରହି ଥିଲେ।



ଲୋକସମ୍ପର୍କ ଯାତ୍ରାରେ ବାହାରିଥିବା ସଂଘଠନର ସଭ୍ୟମାନେ।

# ପ୍ରଧାନଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ଉପସ୍ଥିତ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ।

**ବିଷମ କଟକ,୩।୫(ଡି.ଏନ.ଏ.)**

କୁମ୍ଭାରଧାମୁଣୀ କ୍ଲଷ୍ଟରସ୍ତରରେ ଚାକିରିରୁ ଅବସର ଗ୍ରହଣ କରିଥିବା ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଭୂୟାଁ, ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ପ୍ରତାପ କୁମାର ତ୍ରିପାଠୀ, ସୁଶିଳ କୁମାର ପାଢୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି କୁମ୍ଭାରଧାମୁଣୀ ପ୍ରାଥମିକ ସେବାଶ୍ରମ ଠାରେ ଏକ ମିଳିତ ବିଦାୟକାଳୀନ ସଭା ହୋଇଥିଲା। ସେଥିରେ କୁମ୍ଭାରଧାମୁଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିମଳା ଶଙ୍କର ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ରୂପେ ବିଷମକଟକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଦନସୁନ୍ଦର ପାଣି, ସିଆର୍‌ସିସି ଦୁମେର୍ତ୍ତି ପାଡିକା, ପ୍ରଶାନ୍ତ କୁମାର ରତ୍ନାଲୁ ଉପସ୍ଥିତ ରହିଥିଲେ। କ୍ଲଷ୍ଟର୍‌ର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇବା ସହ କ୍ଷେତ୍ରରେ ସେମାନଙ୍କ କର୍ତ୍ତବ୍ୟନିଷ୍ଠା ଓ କର୍ମକୁଶଳତାର ଗୁଣଗାନ କରିଥିଲେ। କ୍ଲଷ୍ଟର୍ ତରଫରୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦାୟ କାଳୀନ ସଭାରେ ବିଦାୟୀ ଶିକ୍ଷକ ନିଜନିଜର ଅନୁଭୂତି ବାଣ୍ଟିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ରାଜେନ୍ଦ୍ର ଗାର୍ଜିବିଲି, ହୃଷିକେଶ ସେନାପତି, ପ୍ରଭାକର ପାତ୍ର, ସ୍ୱାଗତିକା ଜେନା, ସନ୍ତୋଷ କୁମାର ରତ୍ନାଲୁ, କୃଷ୍ଣଚନ୍ଦ୍ର ସାହୁ ଓ ଅନ୍ୟ ଶିକ୍ଷକମାନେ ସହଯୋଗ କରିଥିବା ବେଳେ ଶିକ୍ଷୟିତ୍ରୀ ସ୍ୱପ୍ନାରାଣୀ ରଥ ସଂଯୋଜନା କରିଥିଲେ।

# ୧୦ ସମିତି ସଭ୍ୟାସଭ୍ୟଙ୍କ ବୈଠକ ବର୍ଜନ

**କୋରୁକୋଣ୍ଡା,୩।୫(ଡି.ଏନ.ଏ)**

କୋରୁକୋଣ୍ଡା ବ୍ଲକରେ ବୁଧବାର ପଞ୍ଚାୟତ ସମିତିର ପଞ୍ଚମ ବୈଠକ ଆୟୋଜନ କରାଯାଇଥିଲା। ତେବେ ବ୍ଲକ ଅଧକ୍ଷଙ୍କ ମନମୁଖୀ କାର୍ଯ୍ୟକୁ ନେଇ ୧୦ ଜଣ ସମିତି ସଭ୍ୟାସଭ୍ୟ ବୈଠକ ବର୍ଜନ କରିବା ସହ ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ସମସ୍ତ ସମିତି ସଭ୍ୟସଭ୍ୟାଙ୍କୁ ବ୍ଲକ ଅଧକ୍ଷ ଜିତୁ ବୁରୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁନାହାନ୍ତି। ପଞ୍ଚାୟତ ସମିତିରେ ଆସୁଥିବା ଉନ୍ନୟନମୂଳକ କାର୍ଯ୍ୟ ନିଜ ପାଖ ଲୋକଙ୍କୁ ବିକ୍ରି କରି ଦେଉଛନ୍ତି। କାର୍ଯ୍ୟଖସଡ଼ା ଅନୁମୋଦନ ନିଜ ଇଚ୍ଛା ମୁତାବକ ଅନୁସାରେ କରୁଛନ୍ତି। ସମିତି ସଭ୍ୟସଭ୍ୟା ମାନେ ଏକ ବର୍ଷ ହେବ ଚୟନ ହୋଇଥିଲେ ମଧ କୌଣସି ଉନ୍ନୟନ ମୂଳକକାର୍ଯ୍ୟ ଅନୁଦାନ ଏଯାଏଁ ମଧ ମିଳିପାରିଲାନାହିଁ। ଏନେଇ ଜନସାଧାରଣ ସଭ୍ୟସଭ୍ୟାଙ୍କୁ ପଚାରିଲେ କୌଣସି ଉତ୍ତର ଦେଇପାରୁନୁ ବୋଲି ସମିତି ସଭ୍ୟସଭ୍ୟା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ଉପାଧକ୍ଷା ମାନସିକ ପଡ଼ିଆମି, ପର୍ଶୁରାମ ଖେମୁଣ୍ଡୁ, ମଦନ ପଡିଆମି, ରୀନା ମାଡକାମି, ସବିତା ଦାସ, ଲକ୍ଷ୍ମୀ ଖିଲ, ପଦିଆ ସୋଡ଼ି, ଲଇଛନ ସୀସା, ଇର୍ମା ମାଢ଼ି, ସବିତା ସୋଡି ଉପସ୍ଥିତ ଥିଲେ। କୋରୁକୋଣ୍ଡା ଜୋନ ଜିଲା ପରିଷଦ ମଙ୍ଗୁ ଖିଲ ମଧ ବୈଠକ ବର୍ଜନ କରିବା ସହ ସମସ୍ତ ସଭ୍ୟ ସଭ୍ୟାଙ୍କୁ ସମର୍ଥନ କରିଥିଲେ। ତେବେ ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନ୍ୟାୟ ପ୍ରଦାନ କରିବା ନିମନ୍ତେ ସମସ୍ତ ସଭ୍ୟ ସଭ୍ୟା ଦାବି କରିଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ସମିତି ସଭ୍ୟାସଭ୍ୟମାନେ।

### ବ୍ଲକ ଅଧକ୍ଷଙ୍କ ମନମୁଖି ନେଇ ଜିଲାପାଳଙ୍କୁ ଦାବିପତ୍ର

# କୃଷକଙ୍କୁ ଅଣଦେଖା କରୁଛନ୍ତି ସରକାର

**ମାଲକାନଗିରି,୩।୫(ଡି.ଏନ୍.ଏ.)**

### ନବ ନିର୍ମାଣ କୃଷକ ସଙ୍ଗଠନର ଅଭିଯୋଗ

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷକମାନଙ୍କୁ ଅବହେଳା କରି ଆସୁଛନ୍ତି ବୋଲି ନବ ନିର୍ମାଣ କୃଷକ ସଂଗଠନ ଅଭିଯୋଗ କରିଛି। ମାଲକାନଗିରି ସଦର ମହକୁମା ସ୍ୱାଗତ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଅଧକ୍ଷତା କରିଥିଲେ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ନିମାଇ ରାୟ, ଉମାକାନ୍ତ ରାଉତ, ରଶ୍ମିରଞ୍ଜନ ସ୍ୱାଇଁ, ଅନବର ଅଲୀ ଉପରିସ୍ଥ ରହି ଉଭୟ ସରକାରକୁ ସମାଲୋଚନା କରିଥିଲେ।

ଆମ ଦେଶ ଓ ରାଜ୍ୟରେ ଦୀର୍ଘ ବର୍ଷ ଧରି ସବୁଠୁ ଅବହେଳିତ ବର୍ଗ ହେଲେ କୃଷକ। ଯେଉଁମାନଙ୍କ ପାଇଁ ଆଜି ଭାରତ ଖାଦ୍ୟଶସ୍ୟ ଉତ୍ପାଦନରେ ବଳକା ଦେଶ ଭାବେ ସୁନାମ ଅର୍ଜନ କରିଛି, ସେମାନେ ଆଜି ଅବହେଳିତ। ସରକାରଙ୍କ ଦ୍ୱାରା ଅବହେଳିତ ଚାଷୀଙ୍କୁ ଦର, ସମ୍ମାନ ଓ ପେନସନ୍ ଆଦି ଦାବି ନେଇ ଓଡିଶାରେ ଏକ ଜନ ଜାଗରଣ ସୃଷ୍ଟି ସଂଗଠନ ତରଫରୁ ଚାଲିଛି। ସରକାରଙ୍କୁ ବହୁବାର ଏହି ସଂଗଠନ ଚାଷୀମାନଙ୍କ ଦାବି ସମ୍ବନ୍ଧରେ ଅବଗତ କରାଇଛି। ସରକାର ଜାଣିଛନ୍ତି, ୮୦ ଭାଗ ଚାଷୀଙ୍କ ରାଜନୈତିକ ମେରୁଦଣ୍ଡ ନାହିଁ ଭୋଟ ବେଳେ ଚାଷୀ ଭାଗ ଭାଗ ହୋଇଯାଏ। ଏହାର ସୁଯୋଗ ନେଇ ରାଜନୈତିକ ଗୋଷ୍ଠୀମାନେ ଚାଷୀଙ୍କୁ ଯୋଜନା ବଦ୍ଧ ଭାବେ ଗରିବରୁ ଅତି ଗରିବ କରି ଚାଲିଛନ୍ତି। ଏହିପରି ପ୍ରେକ୍ଷୀରେ ଚାଷୀ ଓ ସାଧାରଣ ଜନତାଙ୍କ ସ୍ୱର ମଜବୁତ କରିବା ପାଇଁ ଏକ ସଶକ୍ତ ଚାଷୀ ସରକାର ପାଇଁ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ହେଲାଣି। ଯାହାକି ଚାଷୀ ମାନଙ୍କ ପାଇଁ ଉପଦେୟ ହୋଇ ପାରିବ ବୋଲି ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଛନ୍ତି। ତେଣୁ ରାଜ୍ୟରେ ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ଗତ ୨୩ ତାରିଖ ଅକ୍ଷୟ ତୃତୀୟ ଦିନ ଠାରୁ ଆସନ୍ତା ମେ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଲୋକ ସମ୍ପର୍କ ଅଭିଯାନ ଜାରି ରହିଛି ବୋଲି ବକ୍ତାମାନେ କହିଥବଲେ। କାର୍ଯ୍ୟକ୍ରମରେ ଚାଷୀ ଓ ଚାଷୀ ନେତାମାନେ ଉପସ୍ଥିତ ଥିଲେ।




ନବ ନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାମାନେ।

# ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

## ସମ୍ଭାବ୍ୟ ବାତ୍ୟା ମୁକାବିଲା ଲାଗି ପ୍ରସ୍ତୁତି



ବୈଠକରେ ଉପସ୍ଥିତ ଅଧିକାରୀମାନେ ।

ମାଲକାନଗିରି,୩।୫(ଡି.ଏନ୍.ଏ.)

ସମ୍ଭାବ୍ୟ ବାତ୍ୟା ଓ ମୌସୁମୀ ବର୍ଷାକୁ ନେଇ ମାଲକାନଗିରି ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲାସ୍ତରୀୟ ଜରୁରିକାଳୀନ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ବିପର୍ଯ୍ୟୟ ପରିଚାଳନା କମିଟି କର୍ତ୍ତୃପକ୍ଷ ଅଧକ୍ଷ ବିଶାଲ ସିଂଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଏସ୍‌ପି ନିତେଶ ବାଧ୍ୱାନୀ, ବନଖଣ୍ଡ ଅଧିକାରୀ ପ୍ରତାପ କତାପାଲ୍ଲୀ, ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ ଓ ଉପଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ମଞ୍ଚାସୀନ ଥିଲେ। ଜିଲାପାଳ ସିଂ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଜିଲାରେ ସମ୍ଭାବ୍ୟ ବାତ୍ୟା ମୁକାବିଲା ଲାଗି ଆଗୁଆ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ବାତ୍ୟା ପୂର୍ବ ଏବଂ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ବିଭିନ୍ନ ବିଭାଗ ସହ ଆଲୋଚନା କରାଯାଇଛି। ଜନସାଧାରଣଙ୍କ ସୂଚନା ନିମନ୍ତେ ଜିଲା ପ୍ରଶାସନ ତରଫରୁ ସପ୍ତାହ ବ୍ୟାପୀ ୨୪ ଘଣ୍ଟିଆ କଂଟ୍ରୋଲ ରୁମ ସହ ଟେଲିଫୋନ୍ ନମ୍ବର (୦୬୮୬୧-୨୩୧୩୭୨ ଏବଂ ଟୋଲ ଫ୍ରି ନମ୍ବର ୧୦୭୭ ବ୍ୟବସ୍ଥା କରାଯାଇଛି। ପ୍ରତେକ ବନ୍ୟା ପ୍ରଭାବିତ ଅଞ୍ଚଳରେ ଜଣେ ଲେଖାଏ ଅଧିକାରୀଙ୍କୁ ନିୟୋଜିତ କରାଯିବ । ସେମାନେ ସ୍ଥିତି ତଦାରଖ କରି ଜିଲାପାଳଙ୍କୁ ଅବଗତ କରାଇବେ। ବ୍ଲକ ଏବଂ ତହସିଲ ସ୍ତରରେ ପ୍ରଚୁର ପରିମାଣରେ ଆବଶ୍ୟକୀୟ ରିଲିଫ ସାମଗ୍ରୀ ମହଜୁଦ ରଖିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ପୌରାଞ୍ଚଳରେ ତଳି ଅଞ୍ଚଳ ପରିଦର୍ଶନ ସହ ସମସ୍ତ ନର୍ଦ୍ଦମାଗୁଡିକୁ ପରିଷ୍କାର କରି ରଖିବା ଲାଗି ପୌରାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ସ୍ଥାନରେ ଜଳକୁ ୭ ଦିନରୁ ଅଧିକ ଦିନ ଧରି ନ ରଖିବାକୁ କୁହାଯାଇଛି। ଆବଶ୍ୟକ ସ୍ଥଳେ କ୍ଷେତ୍ର ସ୍ତରରେ ଆଶା, ଅଙ୍ଗନୱାଡି, ସ୍ୱୟଂ ସହାୟକ ଗୋଷ୍ଠି, ଆପଦ ମିତ୍ର ତଥା ସ୍ୱେଚ୍ଛାସେବୀ ସଂସ୍ଥା ମାନଙ୍କର ସହାୟତା ନେବାକୁ ବିଡିଓ ଓ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଟେଲି ଯୋଗାଯୋଗ ପାଇଁ ବିଏସଏନଏଲ ଏବଂ ବିଦ୍ୟୁତ୍ ସେବା ପାଇଁ ଶକ୍ତି ବିଭାଗକୁ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଅଗ୍ନିଶମ ଏବଂ ଓଡ୍ରାଫ୍ ବିଭାଗ ମଧ୍ୟ ପ୍ରସ୍ତୁତ ରହିଛନ୍ତି ବୋଲି ବୈଠକରେ ଜଣାଇଥିଲେ। କ୍ଷେତ୍ର ସ୍ତର ଅଧିକାରୀ ତଥା ସଂପୃକ୍ତ ବିଭାଗୀୟ ଅଧିକାରୀ ଦୈନିକ ଜିଲାପାଳଙ୍କୁ ରିପୋର୍ଟ ଦାଖଲ କରିବେ। ସମନ୍ୱୟ ବୈଠକରେ ଡେପୁଟି କଲେକ୍ଟର ତଥା ଜିଲା ଜରୁରିକାଳୀନ ଅଧିକାରୀ ଉମା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଜିଲାସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବୋଲେରୋ ଦୁର୍ଘଟଣାଗ୍ରସ୍ତ, ବର୍ତ୍ତିଲେ ଯାତ୍ରୀ



ବାଲିମେଳା,୩।୫(ଡି.ଏନ.ଏ.)- ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାର ବାଲିମେଳା ଛକ ନିକଟ ବୁଲାଣିରେ ଏକ ବୋଲେରୋ ଭାରସାମ୍ୟ ହରାଇବାରୁ ଗଛରେ ପିଟି ହୋଇ ଓଲଟି ପଡ଼ିଛି। କୋରୁକୋଣ୍ଡା ବ୍ଲକ ଚିତାପାରୀ ୩ ପଞ୍ଚାୟତ ସଦାଶିବପୁର ଗ୍ରାମକୁ ବୈପାରିଗୁଡାରୁ ବିବାହ କାର୍ଯ୍ୟ ଯୋଗ ଦେବାପାଇଁ ଏକ ବୋଲେରୋ କିଛି ଲୋକ ଆସିଥିଲେ। ପରେ ବୋଲେରୋଟି ବାଲିମେଳା ସହରକୁ କୌଣସି କାର୍ଯ୍ୟରେ ଆସି ଅପରାହ୍ନରେ ସଦାଶିବପୁର ଗ୍ରାମକୁ ଫେରୁଥିବା ସମୟରେ ଶିଖ ମନ୍ଦିର ନିକଟରେ ଥିବା ବୁଲାଣିରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା ଅନୁଯାୟୀ ଗାଡ଼ିରେ ଡ୍ରାଇଭର ସହ ଜଣେ ଯାତ୍ରୀ ଥିଲେ। ଖବରପାଇ ଓର୍କେଲ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଡ୍ରାଇଭର ଓ ଜଣେ ଯାତ୍ରୀଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

### ମାଲକାନଗିରି ମହାବିଦ୍ୟାଳୟରେ ନୂଆ ଅଧକ୍ଷ



ମାଲକାନଗିରି,୩।୫(ଡି.ଏନ.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ମାଲକାନଗିରି ମହାବିଦ୍ୟାଳୟରେ ନୂତନ ଅଧକ୍ଷ ଭାବେ ଲିଙ୍ଗରାଜ ମିଶ୍ର ନିଯୁକ୍ତି ପାଇଛନ୍ତି। ମଙ୍ଗଳବାର ସେ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଲିଙ୍ଗରାଜ ମାଲକାନଗିରି ମହାବିଦ୍ୟାଳୟରେ ଅର୍ଥନୀତି ବିଭାଗ ପ୍ରାଧାପକ ରୂପେ ଦାୟିତ୍ୱ ନିର୍ବାହ କରୁଥିଲେ। ଏହା ପୂର୍ବରୁ ମାଲକନଗିରି ମହାବିଦ୍ୟାଳୟରେ ଅଶୋକ ଷଡଙ୍ଗୀ ଅଧକ୍ଷ ଭାବେ ଦାୟିତ୍ୱ ତୁଲାଉଥିଲେ। ମଙ୍ଗଳବାର ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ଡ. ଉଦୟନାଥ ଖରାଙ୍କ ଉପସ୍ଥିତିରେ ସେ ଦାୟିତ୍ୱ ଗ୍ରହଣ କରିଥିଲେ।

### ଜଳିଗଲା ବାଇକ୍



ଏମଭି-୭୯,୩।୫(ଡି.ଏନ.ଏ)-କାଲିମେଲା ବ୍ଲକ ଏମଭି-୭୯ ଥାନା ସମ୍ମୁଖ ନାକା ନିକଟରେ ପୋଲିସ ଗାଡି ଯାଞ୍ଚ ସମୟରେ ଏକ ବାଇକ୍‌ରେ ହଠାତ୍ ନିଆଁ ଲାଗି ଜଳି ଯାଇଛି। ଆନ୍ଧ୍ରପ୍ରଦେଶର ଏକ ଦମ୍ପତି ପୁଅକୁ ଧରି ଚିନ୍ତୁର ଗ୍ରାମରୁ କାଲିମେଲା ଅଭିମୁଖେ ଆସୁଥିଲେ। ଏମଭି ୭୯ ଥାନା ସମ୍ମୁଖରେ ପୋଲିସ ବାଇକ୍ ଯାଞ୍ଚ କରିବା ନିମନ୍ତେ ସେମାନଙ୍କୁ ଅଟକାଇଥିଲା। ଏହି ସମୟରେ ଗାଡିରୁ ଧୀରେ ଧୀରେ ଧୂଆଁ ବାହାରିବାକୁ ଲାଗିଲା। କିଛି ସମୟରେ ପେଟ୍ରୋଲ ପାଇପରେ ନିଆଁ ଲାଗି ଗାଡିଟି ସମ୍ପୂର୍ଣ୍ଣ ଜଳିଯାଇଥିଲା। ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିଲେ। ଗାଡିଟି ବହୁ ଦୁରରୁ ଆସିଥିବାରୁ ଅତ୍ୟଧିକ ଗରମ ହୋଇ ନିଆଁ ଲାଗିଯାଇଥିବା ଅନୁମାନ କରାଯାଉଛି।

# ସ୍ୱୟଂ ସହାୟିକା ଗୋଷ୍ଠୀ ପୁରସ୍କୃତ

ମାଲକାନଗିରି,୩।୫(ଡି.ଏନ୍.ଏ.)

ଜିଲା ଯୋଜନା ଓ ସଂଯୋଜନ କାର୍ଯ୍ୟାଳୟ ଆନୁକୁଲ୍ୟରେ ଜିଲା ପଞ୍ଚାୟତ ସାଧନ କେନ୍ଦ୍ର ଠାରେ ଆଜାଦୀ କି ଅମୃତ ମହୋତ୍ସବର ପୁରସ୍କାର ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାଲିମେଳା ବ୍ଲକ ତେଲରାଇ ପଞ୍ଚାୟତ ଏମ୍.ଭି. ୭୭ ଗ୍ରାମର ବିଶ୍ୱ ମା' ଜଗଧାତ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀକୁ ଜିଲାର ସଫଳ ପାନଚାଷୀ ଭାବେ ପୁରସ୍କୃତ କରାଯାଇଥିଲା। ୫୦ ହଜାର ଟଙ୍କାର ପୁରସ୍କାର ରାଶି ଚେକ୍ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସଭାରେ ମାଲକାନଗିରି ଯୋଜନା ଓ ପରିସଂଖ୍ୟାନ ଉପ ନିର୍ଦ୍ଦେଶକ ଗୋଲକ ଚନ୍ଦ୍ର ଦଳାଇ ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ରୂପେ ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ ଯୋଗଦେଇ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଅଧିକ ଜମିରେ ପାନ ଚାଷ ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ମାଲକାନଗିରି ଉଦ୍ୟାନ ବିଭାଗ ଉପ ନିର୍ଦ୍ଦେଶକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବୈଷୟିକ ଜ୍ଞାନ କୌଶଳ ସମ୍ପର୍କରେ ଜଣାଇଥିଲେ। କାଲିମେଳା ଗୋଷ୍ଠି ଉନ୍ନୟନ ଅଧିକାରୀ ବସନ୍ତ କୁମାର ବେହେରା, ଜିଲା ସମାଜ କଲ୍ୟାଣ ଅଧିକାରୀ ଅନୁରାଧା ମହାନ୍ତି, ଓଡିଶା ଜୀବିକା ମିଶନ ଜିଲା ପ୍ରକଳ୍ପ ପରିଚାଳକ ପବିତ୍ର ମୋହନ ବାରା, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ଟାଙ୍ଗାରଙ୍ଗା, କାର୍ଯ୍ୟକ୍ରମ ପରିଚାଳକ ବାଲାଜୀ ପଟ୍ଟନାୟକ ଓ ଜିଲାସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ପାଣି ଟାଙ୍କି ନିର୍ମାଣ ସରିଲାନି, ଲୋକେ ହନ୍ତସନ୍ତ


ପ୍ରଶାସନ ପକ୍ଷରୁ ଅନୁଧ୍ୟାନ କରାଯାଉଛି।

ମାଥିଲି,୩।୫(ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ ଟେମ୍ଭୁପାଲି ପଞ୍ଚାୟତରେ ଜଳ ଯୋଗାଣ ପାଇଁ ନିର୍ମାଣ କରାଯାଉଥିବା ପାଣି ଟାଙ୍କି କାମ ୩ ବର୍ଷ ପରେ ବି ସରିଲାନି। ଫଳରେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ଟାଙ୍କି କାମ ସାରିବାକୁ ବାରମ୍ବାର ଲୋକେ ଅଭିଯୋଗ କଲା ପରେ ମଧ୍ୟ ସୁଫଳ ମିଳୁନି। ପଞ୍ଚାୟତବାସୀଙ୍କୁ ପାଣି ଯୋଗାଇବା ପାଇଁ ଜଳ ଓ ପରିମଳ ବିଭାଗ ତରଫରୁ ପାଣି ଟାଙ୍କି ନିର୍ମାଣ କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା। ଠିକାଦାର ଟାଙ୍କି ନିର୍ମାଣ କାମ ଆରମ୍ଭ କରିଥିଲେ ମଧ୍ୟ ପରେ ସମୟ ଗଡାଇ ଚାଲିଲେ। ଇତିମଧ୍ୟରେ ପ୍ରାୟ ୩ ବର୍ଷ ବିତିଯାଇଥିଲେ ବି କାମ ସମ୍ପୂର୍ଣ୍ଣ ହୋଇପାରିନି। ବାରମ୍ବାର ପ୍ରଶାସନକୁ ଏ ନେଇ ଅବଗତ କରାଇବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନି । ଅନ୍ୟପଟେ ବ୍ଲକ ପ୍ରଶାସନ ଘଟଣାସ୍ଥଳକୁ ଲୋକଙ୍କ ସମସ୍ୟା ବୁଝିଛି। ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି ।

# ସନ୍ଦେହଘେରରେ ନାବାଳିକାଙ୍କ ମୃତ୍ୟୁ

## ମିଥ୍ୟା କେସ୍‌ରେ ଫସାଇବା ଧମକ ଦେଇ ୩ ଗିରଫ

ମାଲକାନଗିରି/କୋରୁକୋଣ୍ଡା, ୩।୫(ଡି.ଏନ.ଏ.)

ଜଣେ ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ୫ ଦିନ ପରେ ଦୁଇ ଗୋଷ୍ଠୀ ମାଲକାନଗିରି ଆଦର୍ଶ ଥାନା ଦ୍ୱାରସ୍ଥ ହୋଇଛନ୍ତି। ଏହି ଘଟଣାରେ ମିଥ୍ୟା କେସ୍‌ରେ ଫସାଇବା ପାଇଁ ଗ୍ରାମବାସୀଙ୍କୁ ଧମକ ଦେବା ଅଭିଯୋଗରେ ପୋଲିସ ୩ ଜଣ ମାନବାଧିକାର କର୍ମୀଙ୍କୁ ଗିରଫ କରିଛି। ସେମାନେ ହେଲେ ତପନ ପାଣ୍ଡେ, ଦୀପକ ଶାହା ଓ ସଞ୍ଜୟ ସିଲ।

ସୂଚନା ଅନୁଯାୟୀ, କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଏମ୍‌ଭି-୪୯ ଗ୍ରାମର ହର କର୍ମକାରଙ୍କ ସାନଝିଅ ଗତ ୨୭ ତାରିଖରେ ଏକ ଗଛରେ ଦଉଡି ଦେଇ ଆତ୍ମହତ୍ୟା କରିଥିଲେ। ଗ୍ରାମବାସୀ ଏହି ଖବରପାଇ ନାବାଳିକାଙ୍କ ମୃତଦେହକୁ ଗାଁକୁ ନେଇଆସି ଦାହ କରି ଦେଇଥିଲେ। ତେବେ ଏ ସମ୍ପର୍କରେ ଗ୍ରାମବାସୀ ହାଇଦ୍ରାବାଦରେ କାମ କରୁଥିବା ନାବାଳିକାଙ୍କ ବାପା ହରଙ୍କୁ ଜଣାଇ ନ ଥିଲେ ବୋଲି ସେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ସମ୍ପର୍କରେ କୌଣସି ସୂତ୍ରରୁ ଖବରପାଇ ଜିଲାର ମାନବାଧିକାର କର୍ମୀମାନେ ଏମଭି-୪୯ ଗ୍ରାମରେ ପହଞ୍ଚି ପରିବାର ବର୍ଗଙ୍କ ସହ କଥା ହୋଇଥିଲେ। ଗ୍ରାମବାସୀ ମିଶି ଝିଅକୁ ହତ୍ୟା କରିଥିବା ନେଇ ମାନବାଧିକାର କର୍ମୀଙ୍କ ପାଖରେ ନାବାଳିକାଙ୍କ ମା'ସ୍ୱୀକାର କରିଥିଲେ। ପରେ ମାନବାଧିକାର କର୍ମୀମାନେ ପୋଲିସକୁ ନ ଜଣାଇ କାହିଁକି ମୃତଦେହ ଦାହ କଲ ବୋଲି ଗ୍ରାମବାସୀଙ୍କୁ ପ୍ରଶ୍ନ କରିଥିଲେ। ମାନବାଧିକାର କର୍ମୀ ମାନଙ୍କ ସହାୟତାରେ ନାବାଳିକାଙ୍କ ପରିବାର ବୁଧବାର ଗ୍ରାମବାସୀଙ୍କ ବିରୋଧରେ ଥାନାରେ ଏତଲା ଦେଇଛନ୍ତି । ଅନ୍ୟପଟେ ଗ୍ରାମବାସୀ ମାନବାଧିକାର କର୍ମୀମାନଙ୍କ ବିରୋଧରେ ପାଲଟା ଏତଲା ଦେଇଥିଲେ। ନାବାଳିକାଙ୍କ ପରିବାର ଗରିବ ହୋଇଥିବାରୁ ଗ୍ରାମବାସୀ ମିଶି ମୃତଦେହ ଆଣି ଦାହ କରିଥିଲୁ। କିନ୍ତୁ ମାନବ ଅଧିକାର କର୍ମୀମାନେ ଆମକୁ ଭୟଭୀତ କରାଇବା ସହ ଦୁଇ ଲକ୍ଷଟଙ୍କା ଚାନ୍ଦା ନ ଦେଲେ ସମସ୍ତଙ୍କୁ ମିଛ କେଶରେ ଫସାଇ ଦିଆଯିବ ବୋଲି ଧମକ ଦେଇଥିବା ଓ ଘଟଣାର ସତ୍ୟ ସାମ୍ନାକୁ ଆଣିବା ପାଇଁ ଥାନାରେ ଏତଲା ଦେଇଥିଲେ। ଏତଲା ପ୍ରକାରେ ପୋଲିସ ୩ ମାନବାଧିକାର କର୍ମୀଙ୍କୁ ଗିରଫ କରିଛି। ସେପଟେ ନାବାଳିକାଙ୍କୁ ସାପ କାମୁଡ଼ିଥିଲା ବୋଲି ଅଙ୍ଗନବାଡି କର୍ମୀ ରିପୋର୍ଟରେ ଉଲ୍ଲେଖ୍ କରିଥିବାରୁ ମୃତ୍ୟୁ କିଭଳି ଘଟିଛି ତାହା ସନ୍ଦେହ ଘେରରେ ରହିଛି। ଘଟଣାର ତଦନ୍ତ ଚାଲିଥିବା ମାଲକାନଗିରି ଆଦର୍ଶ ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି ।

# ସାମ୍ବାଦିକଙ୍କ ମୌଳିକ ଅଧିକାର ପାଇଁ ଦାବିପତ୍ର

ରାୟଗଡ଼ା,(ସ୍ୱ.ପ୍ର.)/ ରାୟଗଡ଼ା ଅଫିସ,୩।୫

ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ଉପଲକ୍ଷେ ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘ, ରାୟଗଡ଼ା ଜିଲାର ସଭାପତି ଦୟାନନ୍ଦ ଖାଡ଼ାଙ୍ଗାଙ୍କ ନେତୃତ୍ୱରେ ସାମ୍ବାଦିକଙ୍କ ନ୍ୟାର୍ଯ୍ୟ ଅଧିକାର ନେଇ ୭ ଦଫା ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ରାଜ୍ୟର ବିଭିନ୍ନ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଅନେକ ଯୋଜନା ଲାଗୁ କରିଛନ୍ତି। କିନ୍ତୁ ସମାଜର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟରତ ସାମ୍ବାଦିକମାନଙ୍କ ଦ୍ୱାରା କରାଯାଉଥିବା ମୌଳିକ ଦାବିଗୁଡ଼ିକୁ ପୂରଣ ନ କରିବା ପରିତାପର ବିଷୟ। ଅନେକ ସମୟରେ କାର୍ଯ୍ୟରତ ସାମ୍ବାଦିକମାନେ ସତ୍ୟ ଖବର ପରିବେଷଣ କରି ଦୁର୍ନୀତିଖୋର ବ୍ୟକ୍ତିଙ୍କ ଆକ୍ରୋଶର ଶିକାର ହେଉଛନ୍ତି । ନିକଟରେ ଛତିଶଗଡ଼ ସରକାର କାର୍ଯ୍ୟରତ ସାମ୍ବାଦିକମାନଙ୍କ ପାଇଁ ସୁରକ୍ଷା ଆଇନ ଲାଗୁ କରିଛନ୍ତି। ଯାହାଫଳରେ ସାମ୍ବାଦିକ ମାନେ ଲୋକଙ୍କ ସମସ୍ୟା ଓ ହେଉଥିବା ଦୁର୍ନୀତିକୁ ଲୋକ ଲୋଚନକୁ ଆଣିବା ସହ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସହାୟକ ହୋଇପାରିବେ। ଓଡ଼ିଶା ସରକାର ମଧ୍ୟ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ନିହାତି ଆବଶ୍ୟକ ରହିଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ସ୍ମାରକପତ୍ରରେ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶି ୨ ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା, ସ୍ୱାସ୍ଥ୍ୟ ବୀମା ପାଇଥିବା ସାମ୍ବାଦିକ ମାନଙ୍କ ଯାତାୟାତ ନିମନ୍ତେ ରେଳ ପାସ ଓ ବସ ପାସ ପ୍ରଦାନ କରିବା, ବୀମା ପାଇଥିବା ସାମ୍ବାଦିକଙ୍କୁ ସରକାରୀ ଅଧିସ୍ୱୀକୃତି ପ୍ରଦାନ କରିବା, ସାମ୍ବାଦିକଙ୍କ ଅବସର ପରେ ଜୀବନବ୍ୟାପୀ ପେନସନ ଲାଗୁ କରିବା, ସାମ୍ବାଦିକଙ୍କ ପାଇଁ ସୁରକ୍ଷା ନିମନ୍ତେ ସୁରକ୍ଷା ଆଇନ ଲାଗୁ କରିବା ଆଦି ଦାବି ଉଲ୍ଲେଖ କରାଯାଇଛି । ସ୍ମାରକପତ୍ର ପ୍ରଦାନ ସମୟରେ ଉତ୍କଳ ମିଡ଼ିଆ ସାମ୍ବାଦିକ ସଂଘ ରାୟଗଡ ଜିଲ୍ଲାର ଉପ ସଭାପତି ଶ୍ରୀନିବାସ ବଳିଆର ସିଂ, ସମ୍ପାଦକ ମନୋଜ କୁମାର ସାହୁ ଓ ଉପଦେଷ୍ଟା ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ୧୩ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଝରିଗାଁ, ୩।୫(ସ୍ୱ.ପ୍ର.)

ଝରିଗାଁ ବ୍ଲକ ମାଧମିକ ଶିକ୍ଷକ ସଂଗଠନ ପକ୍ଷରୁ ଝରିଗାଁସ୍ଥିତ ସରକାରୀ ନୋଡାଲ ପଞ୍ଚାୟତ ହାଇସ୍କୁଲରେ ଶିକ୍ଷା ବିଭାଗର ୧୩ ଜଣ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍କୁଲ ଭାରାପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ରୋହଣୀ ତପସ୍ୱିନୀ ହାଜାରୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଡିଇଓ ପ୍ରଦୀପ କୁମାର ନାଗ ମୁଖ୍ୟଅତିଥି, ପ୍ରଫୁଲ୍ଲ କୁମାର ରାଉତ ମୁଖ୍ୟବକ୍ତା, ଚଢ଼େଇଗୁଡ଼ା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ରାଉତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଣେଶ୍ୱର ହୋତାସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଶିକ୍ଷା ବିଭାଗର ୧୩ ଜଣ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେମାନଙ୍କ ମଧ୍ୟରେ ବିଇଓ ବିରେନ୍ଦ୍ର କୁମାର ପାଢ଼ୀ, ପ୍ରଧାନଶିକ୍ଷକ ପ୍ରଭାତ ବିଶ୍ୱାଳ, ରମେଶ ସ୍ୱାଇଁ, ପ୍ରକାଶ ବଳ, ରାଜେନ୍ଦ୍ର ନାରାୟଣ ପଣ୍ଡା, ବଂଶୀଧର ଭୂୟାଁ ଏବଂ ବାଙ୍କ ବିହାରୀ ପଣ୍ଡା ଅଛନ୍ତି। ସେହିପରି ସହକାରୀ ଶିକ୍ଷକ କେଦାରେଶ୍ୱର ପଟ୍ଟନାୟକ, ବିଷ୍ଣୁଚରଣ ସାହୁ, ରାମଚନ୍ଦ୍ର ନନ୍ଦ ଓ ପ୍ରମୋଦ ବିଶ୍ୱାଳଙ୍କ ସହ କିରାଣୀ ନୃସିଂହ ଚରଣ ଦାସ ଏବଂ ପିଅନ ବିକ୍ରମସିଂ ବାଘଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅରୁଣ କୁମାର ବଳ ମଞ୍ଚ ପରିଚାଳନା କରିଥିଲେ। ରବୀନ୍ଦ୍ର ଜେନାଙ୍କ ସହ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

# ପାଡୁଆ ରାସ୍ତାଘାଟରେ ଆନ୍ଧ୍ର ବିଦ୍ୟାଳୟର ବିଜ୍ଞାପନ

## ଛାତ୍ରୀଛାତ୍ର, ଅଭିଭାବକଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟ




ନନ୍ଦପୁର, ୩।୫ (ଡି.ଏନ୍.ଏ.)

ଆନ୍ଧ୍ର ପ୍ରଦେଶର ବିଦ୍ୟାଳୟକୁ ଓଡ଼ିଆ ଛାତ୍ରୀ ଛାତ୍ର ଓ ଅଭିଭାବକଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି ସେଠାକାର ସ୍କୁଲ କର୍ତ୍ତୃପକ୍ଷ। ଏଥିପାଇଁ ନନ୍ଦପୁର ବ୍ଲକ ସୀମାନ୍ତ ପାଡୁଆ, ଜଲାପୁଟ, ଚାଟୁଆ, ଶୋଭାପୁଟ ଅଞ୍ଚଳର କାନ୍ଥ ବାଡ ଓ ଗଛରେ ଆନ୍ଧ୍ରପ୍ରଦେଶ ଅଞ୍ଚଳରେ ଇଂରାଜୀ ଓ ଓଡ଼ିଆ ଭାଷାରେ ବିଜ୍ଞାପନ ଫଳକ ମରାଯାଇ ବିଦ୍ୟାଳୟର ବ୍ୟବସ୍ଥା ସମ୍ପର୍କରେ ପ୍ରଚାର ପ୍ରସାର କରାଯାଉଛି। ସ୍ଥାନୀୟ କେତେଜଣ ଲୋକେ ଦଲାଲ ସାଜି ଆନ୍ଧ୍ର ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସହଯୋଗ କରୁଛନ୍ତି। ସେମାନେ ଆସି ଛାତ୍ରୀ ଛାତ୍ରଙ୍କ ଅଭିଭାବକଙ୍କ ସହ ସାକ୍ଷାତ କରି ଆଲୋଚନା କରୁଛନ୍ତି। ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ନିକୃଷ୍ଟ ଧରଣର କହି ନିଜ ବିଦ୍ୟାଳୟର ଆନୁଷଙ୍ଗିକ ବ୍ୟବସ୍ଥା, ଶିକ୍ଷଣୀୟ ପରିବେଶ, ଶିକ୍ଷୟିତ୍ରୀ ଶିକ୍ଷକ ଓଡ଼ିଶା ଶିକ୍ଷାବ୍ୟବସ୍ଥା ଠାରୁ ବହୁ ଗୁଣରେ ଭଲ ବୋଲି ବୁଝାଉଛନ୍ତି। ବିଭିନ୍ନ ପ୍ରଲୋଭନ, ଆର୍ଥିକ ସହାୟତା ଆଦିର ଲୋଭ ଦେଖାଇ ପିଲାମାନଙ୍କୁ ଆନ୍ଧ୍ର ବିଦ୍ୟାଳୟରେ ନାମ ଲେଖାଇବାକୁ ପ୍ରବର୍ତ୍ତାଉ ଥିବା କେତେଜଣ ଅଭିଭାବକ କହିଛନ୍ତି।

ପୂର୍ବବର୍ଷ ଆନ୍ଧ୍ର ମୁଚିମପୁଟ ଅଞ୍ଚଳର ବିଦ୍ୟାଳୟର ବିଜ୍ଞାପନ ଇଂରାଜୀ ଓ ତେଲୁଗୁ ଭାଷାରେ ପାଡୁଆ ଅଞ୍ଚଳରେ ଲାଗିଥିଲା। ଚଳିତ ବର୍ଷ ଓଡ଼ିଆ ଓ ଇଂରାଜୀରେ ମୁଦ୍ରଣ ହୋଇଥିବା ଦେଖିବାକୁ ମିଳିଛି। ପାଡୁଆ ଅଞ୍ଚଳରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଶିକ୍ଷା ବ୍ୟବସ୍ଥା ପାଇଁ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ଏକାଧିକ ଆବାସିକ ବିଦ୍ୟାଳୟ କରଯାଇଛି। ପାଡୁଆ ଉଚ୍ଚ ବିଦ୍ୟାଳୟରେ +୨ କଳା ଓ ରାଧାକୃଷ୍ଣ କଲେଜ ରେ +୨ ଓ ଯୁକ୍ତ ୩ ପାଠ୍ୟକ୍ରମ ବ୍ୟବସ୍ଥା ରହିଛି। ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ନିର୍ମାଣ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହେବାରଅଛି ବୋଲି ସ୍ଥାନୀୟ ଶିକ୍ଷାବିତ୍ କହିଛନ୍ତି। ତେଣୁ ଆନ୍ଧ୍ର ବିଦ୍ୟାଳୟ ଗୁଡ଼ିକର ଏଭଳି ଲୋଭନୀୟ ବିଜ୍ଞାପନ ପ୍ରତି ଆକର୍ଷିତ କିମ୍ବା ଦଲାଲଙ୍କ ପ୍ରରୋଚନାରେ ପଡ଼ି ପିଲାଙ୍କୁ ଉକ୍ତ ବିଦ୍ୟାଳୟରେ ନାମ ଲେଖାଇବାରୁ ନିବୃତ୍ତ ରହିବାକୁ ସେମାନେ ଅନୁରୋଧ କରିଛନ୍ତି। ନନ୍ଦପୁର ବ୍ଲକ ଶିକ୍ଷା ବିଭାଗ ତରଫରୁ ଏଭଳି କୌଣସି ବିଜ୍ଞାପନ ପ୍ରତି ଆକୃଷ୍ଟ ନ ହେବାକୁ ଅଭିଭାବକମାନଙ୍କୁ ସଚେତନ କରାଯିବ ବୋଲି ସୂଚନା ମିଳିଛି।

# ୧୦ ସମିତି ସଭ୍ୟାସଭ୍ୟଙ୍କ ବୈଠକ ବର୍ଜନ

## ବ୍ଲକ ଅଧକ୍ଷଙ୍କ ମନମୁଖି ନେଇ ଜିଲାପାଳଙ୍କୁ ଦାବିପତ୍ର

କୋରୁକୋଣ୍ଡା,୩।୫(ଡି.ଏନ.ଏ)

କୋରୁକୋଣ୍ଡା ବ୍ଲକରେ ବୁଧବାର ପଞ୍ଚାୟତ ସମିତିର ପଞ୍ଚମ ବୈଠକ ଆୟୋଜନ କରାଯାଇଥିଲା। ତେବେ ବ୍ଲକ ଅଧକ୍ଷଙ୍କ ମନମୁଖୀ କାର୍ଯ୍ୟକୁ ନେଇ ୧୦ ଜଣ ସମିତି ସଭ୍ୟାସଭ୍ୟ ବୈଠକ ବର୍ଜନ କରିବା ସହ ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ସମସ୍ତ ସମିତି ସଭ୍ୟସଭ୍ୟାଙ୍କୁ ବ୍ଲକ ଅଧକ୍ଷ ଜିତୁ ବୁରୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁନାହାନ୍ତି। ପଞ୍ଚାୟତ ସମିତିରେ ଆସୁଥିବା ଉନ୍ନୟନମୂଳକ କାର୍ଯ୍ୟ ନିଜ ପାଖ ଲୋକଙ୍କୁ ବିକ୍ରି କରି ଦେଉଛନ୍ତି। କାର୍ଯ୍ୟଖସଡ଼ା ଅନୁମୋଦନ ନିଜ ଇଚ୍ଛା ମୁତାବକ ଅନୁସାରେ କରୁଛନ୍ତି। ସମିତି ସଭ୍ୟସଭ୍ୟା ମାନେ ଏକ ବର୍ଷ ହେବ ଚୟନ ହୋଇଥିଲେ ମଧ୍ୟ କୌଣସି ଉନ୍ନୟନ ମୂଳକକାର୍ଯ୍ୟ ଅନୁଦାନ ଏଯାଏଁ ମଧ୍ୟ ମିଳିପାରିଲାନାହିଁ। ଏନେଇ ଜନସାଧାରଣ ସଭ୍ୟସଭ୍ୟାଙ୍କୁ ପଚାରିଲେ କୌଣସି ଉତ୍ତର ଦେଇପାରୁନୁ ବୋଲି ସମିତି ସଭ୍ୟସଭ୍ୟା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ଉପାଧକ୍ଷା ମାନସିକ ପଡ଼ିଆମି, ପର୍ଶୁରାମ ଖେମୁଣ୍ଡୁ, ମଦନ ପଡିଆମି, ରୀନା ମାଡକାମି, ସବିତା ଦାସ, ଲକ୍ଷ୍ମୀ ଖିଲ, ପଦିଆ ସୋଡ଼ି, ଲଇଛନ ସୀସା, ଇର୍ମା ମାଢ଼ି, ସବିତା ସୋଡି ଉପସ୍ଥିତ ଥିଲେ। କୋରୁକୋଣ୍ଡା ଜୋନ ଜିଲା ପରିଷଦ ମଙ୍ଗୁ ଖିଲ ମଧ ବୈଠକ ବର୍ଜନ କରିବା ସହ ସମସ୍ତ ସଭ୍ୟ ସଭ୍ୟାଙ୍କୁ ସମର୍ଥନ କରିଥିଲେ। ତେବେ ତୁରନ୍ତ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନ୍ୟାୟ ପ୍ରଦାନ କରିବା ନିମନ୍ତେ ସମସ୍ତ ସଭ୍ୟ ସଭ୍ୟା ଦାବି କରିଛନ୍ତି।


ଦାବିପତ୍ର ଦେବାକୁ ଆସିଥିବା ସମିତି ସଭ୍ୟାସଭ୍ୟମାନେ ।

# କୃଷକଙ୍କୁ ଅଣଦେଖା କରୁଛନ୍ତି ସରକାର

## ନବ ନିର୍ମାଣ କୃଷକ ସଙ୍ଗଠନର ଅଭିଯୋଗ

ମାଲକାନଗିରି,୩।୫(ଡି.ଏନ୍.ଏ.)

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷକମାନଙ୍କୁ ଅବହେଳା କରି ଆସୁଛନ୍ତି ବୋଲି ନବ ନିର୍ମାଣ କୃଷକ ସଂଗଠନ ଅଭିଯୋଗ କରିଛି। ମାଲକାନଗିରି ସଦର ମହକୁମା ସ୍ୱାଗତ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଅଧକ୍ଷତା କରିଥିଲେ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ନିମାଇ ରାୟ, ଉମାକାନ୍ତ ରାଉତ, ରଶ୍ମିରଞ୍ଜନ ସ୍ୱାଇଁ, ଅନବର ଅଲୀ ଉପସ୍ଥିତ ରହି ଉଭୟ ସରକାରକୁ ସମାଲୋଚନା କରିଥିଲେ।

ଆମ ଦେଶ ଓ ରାଜ୍ୟରେ ଦୀର୍ଘ ବର୍ଷ ଧରି ସବୁଠୁ ଅବହେଳିତ ବର୍ଗ ହେଲେ କୃଷକ । ଯେଉଁମାନଙ୍କ ପାଇଁ ଆଜି ଭାରତ ଖାଦ୍ୟଶସ୍ୟ ଉତ୍ପାଦନରେ ବଳକା ଦେଶ ଭାବେ ସୁନାମ ଅର୍ଜନ କରିଛି, ସେମାନେ ଆଜି ଅବହେଳିତ। ସରକାରଙ୍କ ଦ୍ୱାରା ଅବହେଳିତ ଚାଷୀଙ୍କୁ ଦର, ସମ୍ମାନ ଓ ପେନସନ୍ ଆଦି ଦାବି ନେଇ ଓଡିଶାରେ ଏକ ଜନ ଜାଗରଣ ସୃଷ୍ଟି ସଂଗଠନ ତରଫରୁ ଚାଲିଛି। ସରକାରଙ୍କୁ ବହୁବାର ଏହି ସଂଗଠନ ଚାଷୀମାନଙ୍କ ଦାବି ସମ୍ବନ୍ଧରେ ଅବଗତ କରାଇଛି। ସରକାର ଜାଣିଛନ୍ତି, ୮୦ ଭାଗ ଚାଷୀଙ୍କ ରାଜନୈତିକ ମେରୁଦଣ୍ଡ ନାହିଁ ଭୋଟ ବେଳେ ଚାଷୀ ଭାଗ ଭାଗ ହୋଇଯାଏ । ଏହାର ସୁଯୋଗ ନେଇ ରାଜନୈତିକ ଗୋଷ୍ଠୀମାନେ ଚାଷୀଙ୍କୁ ଯୋଜନା ବଦ୍ଧ ଭାବେ ଗରିବରୁ ଅତି ଗରିବ କରି ଚାଲିଛନ୍ତି। ଏହିପରି ପ୍ରେକ୍ଷୀରେ ଚାଷୀ ଓ ସାଧାରଣ ଜନତାଙ୍କ ସ୍ୱର ମଜବୁତ କରିବା ପାଇଁ ଏକ ସଶକ୍ତ ଚାଷୀ ସରକାର ପାଇଁ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ହେଲାଣି । ଯାହାକି ଚାଷୀ ମାନଙ୍କ ପାଇଁ ଉପଦେୟ ହୋଇ ପାରିବ ବୋଲି ବକ୍ତାମାନେ ବକ୍ତବ୍ୟ ପ୍ରଦାନ କରିଛନ୍ତି। ତେଣୁ ରାଜ୍ୟରେ ଚାଷୀ ମାନଙ୍କୁ ସଚେତନ କରିବା ପାଇଁ ଗତ ୨୩ ତାରିଖ ଅକ୍ଷୟ ତୃତୀୟ ଦିନ ଠାରୁ ଆସନ୍ତା ମେ ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଲୋକ ସମ୍ପର୍କ ଅଭିଯାନ ଜାରି ରହିଛି ବୋଲି ବକ୍ତାମାନେ କହିଥବଲେ। କାର୍ଯ୍ୟକ୍ରମରେ ଚାଷୀ ଓ ଚାଷୀ ନେତାମାନେ ଉପସ୍ଥିତ ଥିଲେ।



ନବ ନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାମାନେ ।

## ସଂକ୍ଷେପରେ

### କୁସୁମପୁଟରେ ଅବକାରୀ ଚଢ଼ାଉ

ଜୟପୁର, ୩।୫ (ନି.ପ୍ର.)- ଜୟପୁର ସଦର ଥାନା ଅଧୀନ କୁସୁମପୁଟରେ ଅବକାରୀ ଚଢ଼ାଉ ହୋଇଛି। ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରିଛି। ଚଢାଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବାବେଳେ ଘଟଣାସ୍ଥଳରୁ ବହୁ ମଦ ଭାଟି ଭାଙ୍ଗିବା ସହ ୯ ଶହ ଲିଟର ପୋଚ ଓ ୭୦ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରାଯାଇଛି। ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରାଯାଇଥିବା ଜୟପୁର ଅବକାରି ଓଆଇସି ସଞ୍ଜୟ କୁମାର କାଣ୍ଡି ସୂଚନା ଦେଇଛନ୍ତି।

### କୁଣ୍ଡା ବୋଝେଇ ଟ୍ରକ ଦୁର୍ଘଟଣାଗ୍ରସ୍ତ

ଜୟପୁର ୩।୫ (ନି.ପ୍ର.)- ଜୟପୁର ଗାନ୍ଧୀଛକ ଦେଇ ଯାଉଥିବାବେଳେ ଫ୍ଲୋଇ ବ୍ରିଜ ହାତିଶାଳ ନିକଟରେ ଏକ କୁଣ୍ଡା ବୋଝେଇ ଟ୍ରକ ଦୁର୍ଘଟଣା ଘଟିଛି। ଟ୍ରକଟି ଭାରସାମ୍ୟ ହରାଇ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ଓଲଟି ପଡିଥିଲା। ଏଥିରେ ଡ୍ରାଇଭର ସାମାନ୍ୟ ଆହତ ହୋଇଥିବାବେଳେ ଜୟପୁର ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

### ୩ ଛାତ୍ରୀଙ୍କୁ କରୋନା

ଜୟପୁର, ୩।୫ (ନି.ପ୍ର.)- ୨୪ ଘଣ୍ଟା ଭିତରେ ଜୟପୁର ସହରରେ ୩ ଜଣ କୋରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେ ସମସ୍ତେ ଜୟପୁର ସହରରେ ୩ ଜଣ ଛାତ୍ରୀ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହାପରେ ସହରବାସୀ ଭୟଭୀତ ହୋଇପଡିଛନ୍ତି। ଏଥିରେ ଭୟଭୀତ ହେବାର ନାହିଁ। ବରଂ ଘରୁ ବାହାରିବା ସମୟରେ ମାସ୍କକୁ ପିନ୍ଧିବା, ସମଦୂରତା ରକ୍ଷା କରିବାକୁ ପ୍ରଶାସନ ପକ୍ଷରୁ କୁହାଯାଇଛି।

### ଠକେଇ ଅଭିଯୋଗରେ ଯୁବକ ଗିରଫ

ଜୟପୁର, ୩।୫ (ନି.ପ୍ର.)- ଠକେଇ ଅଭିଯୋଗରେ ଜୟପୁର ସଦର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟିର ବିମଳ କୁମାର ମାଝୀ (୨୦)। ପୋଲିସ ସୂଚନାନୁଯାୟୀ ବିମଳ ଜୟପୁରରେ କେତେଜଣ ଯୁବକଙ୍କ ସହ ମିଶିଥିଲେ। ସହରରେ ଚାଲିଥିବା ନୂତନ କୋଠାରେ ବାଲି ଯୋଗାଇବା ପାଇ କହି ୫ ରୁ ୭ ଜଣ ମାଲିକଙ୍କଠାରୁ ଲକ୍ଷାଧିକ ଟଙ୍କା ନେଇ ବାଲି ଯୋଗାଇନଥିଲେ। ଏନେଇ ଜୟପୁର ସଦର ଥାନାରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜୟପୁର ସଦର ପୋଲିସ କହିଛି।

### ଦୁର୍ଘଟଣାରେ ଆଶ୍ରମ ସ୍କୁଲ ପିଅନଙ୍କ ମୃତ୍ୟୁ

ନାରାୟଣପାଟଣା, ୩।୫(ଡି.ଏନ୍.ଏ.) କୋରାପୁଟ ଜିଲା ନାରାୟଣପାଟଣା ବ୍ଲକ କୁମ୍ଭାରୀ ପଞ୍ଚାୟତ ଦଣ୍ଡାବାଡି ପୋଲରେ ମୋଟର ସାଇକେଲ୍ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜାମା ଓଁଟେକା । ସେ ଦଣ୍ଡାବାଡି ସେବାଶ୍ରମର ପିଅନ ଭାବେ କାର୍ଯ୍ୟ କରୁଥିଲେ। ଗତାକଲି ରାତିରେ କୌଣସି କାମରେ ଚିନ୍ତାଗୁଡା ଗାଁକୁ ସମ୍ପର୍କୀୟ ଘରକୁ ଯାଇ ଫେରୁଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ସେ ପୋଲ ଉପରେ ଶୋଇଥିବା ମଇଁଷିଙ୍କ ଦେହରେ ପିଟି ହୋଇ ଯାଇଥିଲେ। ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ ହୋଇଯାଇଛି। ଖବରପାଇ ପରିବାର ଏବଂ ଗ୍ରାମବାସୀ ପହଞ୍ଚିଥିଲେ। ସକାଳୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ବ୍ୟବଚ୍ଛେଦ କରାଇ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ହୋଇଥିଲା।

### ଦୃଷ୍ଟିହୀନଙ୍କୁ ସହଯୋଗର ହାତ ବଢ଼ାଇଲେ କିରଣ

କୋରାପୁଟ, ୩।୫(ସ୍ୱ.ପ୍ର.)- କୋରାପୁଟ ଜିଲାର ବେପାରିଗୁଡ଼ା ବ୍ଲକ ମାଟପଡା ପଞ୍ଚାୟତର ଝିଲିମିଲିଗୁଡାର ଆନ୍ନା ପାଙ୍ଗି ଏବଂ ନରସିଂ ପାଙ୍ଗିଙ୍କ ଚକ୍ଷୁ ଚିକିତ୍ସାରେ ସାହାଯ୍ୟ କରିଛନ୍ତି କୋରାପୁଟ ଯୁବ ନେତା ତଥା ସମାଜିକ କର୍ମୀ ଟି. କିରଣ କୁମାର। ୨୭ ଏପ୍ରିଲ ୨୦୨୩ରେ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲରେ ଉଭୟଙ୍କ ଆଖି ଅପରେସନ୍ କରଯାଇଛି। ଅପରେସନ୍ ପରେ ଉଭୟଙ୍କୁ ପ୍ରଥମ ଯାଞ୍ଚ ପାଇଁ କୋରାପୁଟ ଏସ୍‌ଏଲ୍‌ଏନ୍ ମେଡିକାଲକୁ ଅଣାଯାଇଛି। ଆସନ୍ତାକାଲି ଉଭୟଙ୍କ ବାମ ଆଖିର ଅପରେସନ୍ କରାଯିବ ବୋଲି ସୂଚନା ମିଳିଛି। ବୁଧବାର କୋଟପାଡ ବ୍ଲକର ଅନ୍ୟ ଜଣେ ରୋଗୀ ସୁଟାଇ ଶାଆନ୍ତାଙ୍କ ମଧ ଚକ୍ଷୁ ଅସ୍ତ୍ରୋପଚାର ପାଇଁ ଅଣାଯାଇଛି । ଗୁରୁବାର ତାଙ୍କର ଅପରେସନ ହେବ। ଟି. କିରଣ କୁମାର ସେମାନଙ୍କର ଯାତ୍ରା, ଖାଦ୍ୟ ଏବଂ ଅନ୍ୟ ଚିକିତ୍ସା ଖର୍ଚ୍ଚ ତୁଲାଉଛନ୍ତି।

# ୧୨ଲକ୍ଷ ୪୨ହଜାର କୁଇଣ୍ଟାଲ ରବିଧାନ ସଂଗ୍ରହ ଲକ୍ଷ୍ୟ

- ଜିଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ
- ଜୁନ୍ ୩ରୁ ଜିଲାର ୭୪ଟି ମଣ୍ଡିରେ ଧାନକ୍ରୟ କରାଯିବ

କୋରାପୁଟ,୩।୫(ସ୍ୱ.ପ୍ର.)

କୋରାପୁଟ ଡିଆର୍‌ଡିଏ ସଦ୍‌ଭାବନା ସଭାଗୃହଠାରେ ଜିଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ଜିଲାପାଳ ଅବ୍‌ଦାଲ ଏମ୍. ଅଖତରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଗୌରବ ଶିବାଜୀ ଇସଲୱାର, ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ଜିଲା ପରିଷଦ ସଭାପତି ସସ୍ମିତା ମେଲେକା, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ବିଧାୟକଙ୍କ ପ୍ରତିନିଧି ଉତ୍କଳ ରଞ୍ଜନ ନାୟକ, କୋରାପୁଟ ଏମ୍‌ପିଙ୍କ ପ୍ରତିନିଧି ମନୋଜ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ରବି ଋତୁ ପାଇଁ ୧୨ ଲକ୍ଷ ୪୨ ହଜାର କୁଇଣ୍ଟାଲ ଧାନ କ୍ରୟ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ ଦେଇଥିବା ଜିଲା ଯୋଗାଣ ଅଧିକାରୀ ପ୍ରଦୀପ କୁମାର ପଣ୍ଡା ସୂଚନା ଦେଇଛନ୍ତି। ୨୧,୩୬୫ ଜଣ ଚାଷୀ ନାମ ପଞ୍ଜିକରଣ କରିଥିବା ଜିଲା ଯୋଗାଣ ଅଧିକାରୀ କହିଛନ୍ତି। ତଦାରଖ ଦଳ ପକ୍ଷରୁ ୨୦, ୩୧୪ଟି ଫର୍ମ ଗ୍ରହଣ କରାଯାଇଥିବା ସେ କହିଛନ୍ତି। ଜୁନ୍ ୩ ତାରିଖରୁ ଜିଲାର ୭୪ଟି ମଣ୍ଡିରେ ଧାନକ୍ରୟ କରାଯିବ ବୋଲି ଜିଲାପାଳ ଅଖତର କହିଛନ୍ତି। ଜୟପୁରରେ ରହିଥିବା ମଣ୍ଡିଗୁଡିକର ଭିତ୍ତିଭୂମିର ଅଭାବ ରହିଥିବା ବାରମ୍ବାର ଅବଗତ କରାଯାଉଥିଲେ ସୁଦ୍ଧା କାହିଁକି ଏ ଦିଗରେ ଧ୍ୟାନ ଦିଆଯାଉ ନାହିଁ ବୋଲି କହି ଜୟପୁର ବିଧାୟକ ବିଭାଗୀୟ ଅଧିକାରୀଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆସନ୍ତା ଧାନକ୍ରୟ ସମୟରେ ମଣ୍ଡିର ସୁବନ୍ଦୋବସ୍ତ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। କାରାପୁଟ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଶମ୍ଭୁ ପ୍ରସାଦ ହରପାଲ, ଜୟପୁର ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ସୁଶୀଲ କୁମାର ଜେନା, ଜିଲାର ମିଲର ଓ ଚାଷୀ ନେତାମାନେ ଏହି ବୈଠକରେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

# ଛୁଟିକାଳୀନ ପାଠପଢ଼ା ନେଇ ଟୋଲ୍ ଫ୍ରି ନମ୍ବର ଜାରି

ନବରଙ୍ଗପୁର, ୩।୫(ବି.ପ୍ର.)

ଖରାଛୁଟି ବେଳେ ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କ ପାଠ ପଢ଼ାକୁ ଦୃଷ୍ଟିରେ ରଖି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅବକାଶକାଳୀନ ଗୃହକାର୍ଯ୍ୟ ( ହଲିଡେ ହୋମ୍‌ୱାକ ପ୍ରୋଗ୍ରାମ) ମେ ୧ରୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କ୍ରମରେ ନବରଙ୍ଗପୁର ଜିଲା ପାଇଁ ୧୮୦୦-୩୪୫-୧୭୧୦ ଟୋଲ୍ ଫ୍ରି ନମ୍ବର ରହିଛି। ଜିଲାର ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରୀଛାତ୍ର ସେମାନଙ୍କ ଅବକାଶକାଳୀନ ଗୃହକାର୍ଯ୍ୟ ସମ୍ବନ୍ଧିତ ପ୍ରଶ୍ନ ଉକ୍ତ ଟୋଲ୍ ଫ୍ରି ନମ୍ବରରେ ସିଧାସଳଖ ପଚାରିପାରିବେ ବୋଲି ଡିଇଓ ପ୍ରଦୀପ କୁମାର ନାଗ କହିଛନ୍ତି।

କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମସ୍ତ ଜିଲାକୁ ଏସ୍‌ଓପି ଏବଂ ନିୟମାବଳୀ ପ୍ରେରଣ କରାଯାଇ ଏହାକୁ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷାର୍ଥୀଙ୍କ ପାଠ୍ୟକ୍ରମ ସମ୍ବନ୍ଧିତ ସମସ୍ୟା ସମାଧାନ ପାଇଁ ପ୍ରତ୍ୟେକ ଜିଲାରେ ସହାୟତା କେନ୍ଦ୍ର ଖୋଲାଯାଇ ପ୍ରତିଦିନ ୪ ଜଣ ବିଷୟଭିତ୍ତିକ ଓ ଅଭିଜ୍ଞ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ଏହି କାର୍ଯ୍ୟକ୍ରମ ସରକାରୀ ଛୁଟିଦିନ ବ୍ୟତୀତ ଅନ୍ୟ ସମସ୍ତ କାର୍ଯ୍ୟ ଦିବସରେ ସକାଳ ୬ଟା ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ ଚାଲିବ। ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ପାଖରେ ସହାୟତା କେନ୍ଦ୍ର ସୁବିଧା ପହଞ୍ଚିବା ପାଇଁ ଟୋଲ୍ ଫ୍ରି ନମ୍ବର ବ୍ୟବସ୍ଥା କରାଯାଇଛି। ଏହି ଦେୟ ମୁକ୍ତ ନମ୍ବରରେ ଶିକ୍ଷାର୍ଥୀମାନେ ସେମାନଙ୍କ ଛୁଟି ଗୃହ କାର୍ଯ୍ୟ ସମ୍ବନ୍ଧିତ ପ୍ରଶ୍ନ ସିଧାସଳଖ ପଚାରିପାରିବେ। ସେଠାରେ ନିୟୋଜିତ ଶିକ୍ଷକମାନେ ତାହାର ସମାଧାନ କରିବେ। ଟୋଲ୍ ଫ୍ରି ନମ୍ବର ବ୍ୟତୀତ ଅନ୍ୟ ଏକ ନମ୍ବରରୁ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ସହାୟତା କେନ୍ଦ୍ରରୁ ଯୋଗାଯୋଗ କରି ଏ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବାର ନିର୍ଦ୍ଦେଶ ରହିଛି।

# ଗାଦବାକତ୍ରାକୁ ହରାଇ କଣ୍ଟାମାଳ ବିଜୟୀ


ଅତିଥିଙ୍କ ସହ ଖେଳାଳିମାନେ।

## ଅମଲାଭଟ୍ଟା କ୍ରିକେଟ ଚାମ୍ପିୟନଶିପ୍ ଉଦ୍‌ଯାପିତ

ତେନ୍ତୁଳିଖୁଣ୍ଟି, ୩।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅମଲାଭଟ୍ଟା ଗ୍ରାମରେ ଚାଲିଥିବା କ୍ରିକେଟ ଚାମ୍ପିୟନଶିପ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨୬ ତାରିଖରୁ ଚାଲିଥିବା ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ କଣ୍ଟାମାଳ ଓ ଗାଦବାକତ୍ରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗାଦବାକତ୍ରା ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। କଣ୍ଟାମାଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୧୧୩ ରନ କରିଥିଲା। ଗାଦବାକତ୍ରା ଦଳ ୮୫ ରନ କରି ପରାସ୍ତ ହୋଇଛି। ଉଦ୍‌ଯାପନୀ ଦିବସରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ମୁଖ୍ୟଅତିଥି, ତେନ୍ତୁଳିଖୁଣ୍ଟି ଜୋନ-୧ ଜିଲା ପରିଷଦ ସଭ୍ୟା କ୍ରୀଷ୍ଣା ମଞ୍ଜରୀ ବିଷୋୟୀ, ଚେୟାରମ୍ୟାନ ନିଳେନ୍ଦ୍ରୀ ନାୟକ, ଭାଇସଚେୟାରମ୍ୟାନ ରାଜେନ୍ଦ୍ର ବିଷୋୟୀ ଓ ଅମଲାଭଟ୍ଟା ପଞ୍ଚାୟତ ସମିତି ସଭ୍ୟ ବିଦୁସ୍ମିତା ଜାନୀ ଓ ତପନ ମୁଦୁଲି, ରାଜେନ୍ଦ୍ର ବିଷୋୟୀ, ହିମାନ ନାଗ ରୁନା ଅତିଥିଭାବେ ଯୋଗଦେଥିଲେ। ଚାମ୍ପିୟନ ଦଳକୁ ୧୫ ହଜାର ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଫାଇନଲ ମ୍ୟାଚ ଦେଖିବା ପାଇଁ ଶତାଧିକ ଦର୍ଶକଙ୍କ ଭିଡ଼ ଜମିଥିଲା। ସୂଚନାନୁଯାୟୀ, ଟୁର୍ନାମେଣ୍ଟରେ ସମୁଦାୟ ୨୦ଟି ଟିମ୍ ଭାଗ ନେଇଥିଲେ।

# ଜୁନ୍ ୧ରୁ ଜିଲାସ୍ତରୀୟ ଅମଲାଙ୍କ ସମୂହ ଛୁଟି ଚେତାବନୀ

ନବରଙ୍ଗପୁର,୩।୫(ବି.ପ୍ର.)

ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ ଅଧ୍ୟକ୍ଷ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଆଭାସି ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହେବାପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାସ୍ତରୀୟ ଅମଲାଙ୍କ ବେତନରେ ଥିବା ଅସଙ୍ଗତି ଦୂରକରିବାରେ ରାଜ୍ୟ ସରକାରଙ୍କ ଅବହେଳା ଓ ବୈମାତୃକ ମନୋଭାବ ନେଇ ଅସନ୍ତୋଷ ଦେଖାଦେଇଛି। ରାଜ୍ୟ ସରକାର ୨୦୧୭ରୁ ଜିଲାସ୍ତରୀୟ ଅମଲାଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ କରିଥିଲେ ମଧ୍ୟ ବେତନରେ କୌଣସି ପ୍ରକାର ଅଭିବୃଦ୍ଧି କରିନାହାନ୍ତି। ଏ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳିନି ବୋଲି ଆଲୋଚନା ହୋଇଛି। ମେ ୨୧ ସୁଦ୍ଧା ରାଜ୍ୟ ସରକାର ଦାବି ପୂରଣ ନ କଲେ ୨୨ରୁ ୩୧ ପର୍ଯ୍ୟନ୍ତ ଅମଲାମାନେ କଳା ବ୍ୟାଜ୍ ପରିଧାନ କରିବେ। ତଥାପି ରାଜ୍ୟ ସରକାର ଦାବିପୂରଣ ନ କଲେ ଜୁନ୍ ୧ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି।

# ମେ' ୨୨ ସୁଦ୍ଧା ମଣ୍ଡି ଆରମ୍ଭ ଦାବି

## ଜିଲାପାଳଙ୍କୁ କୃଷକ କଲ୍ୟାଣ ମଞ୍ଚର ଦାବିପତ୍ର

ଜୟପୁର, ୩।୫ (ନି.ପ୍ର.)

କୃଷକ କଲ୍ୟାଣ ମଞ୍ଚ କୋରାପୁଟ ପକ୍ଷରୁ ରବି ଧାନ ମଣ୍ଡି ସମ୍ପର୍କରେ ଏକ ଦାବିପତ୍ର ଜିଲାପାଳ ଅବ୍‌ଦାଲ ଏମ୍ ଅଖ୍‌ତରଙ୍କୁ ପ୍ରଦାନ କରାଯାଇଛି। ମଞ୍ଚ ସମ୍ପାଦକ ତଥା ଡିଏଲ୍‌ପିସି ସଭ୍ୟ ନରେନ୍ଦ୍ର କୁମାର ପ୍ରଧାନ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ମେ ୨୨ ତାରିଖ ସୋମବାର ସୁଦ୍ଧା ମଣ୍ଡି ଆରମ୍ଭ କରାଯିବା ସହିତ ପ୍ରତ୍ୟେକ ସପ୍ତାହରେ ୩ଦିନ ମଣ୍ଡି କରିବାକୁ ଏଥିରେ ଉଲ୍ଲେଖ ରହିଛି। ଏଥିସହିତ ପ୍ରତ୍ୟେକ କ୍ରୟ ଦିବସରେ ପାଞ୍ଚ ହଜାର କୁଇଣ୍ଟାଲ ଧାନ କ୍ରୟ କରିବାକୁ ଦରବି ହୋଇଛି। ମଣ୍ଡିରୁ ଧାନ ମିଲରଙ୍କ ପାଖରେ ପହଞ୍ଚାଇଲା ପରେ ଚାଷୀଙ୍କୁ ମିଲର ନିଜ ଇଚ୍ଛାମୁତାବକ କଟନି ଛଟନି କରି ସ୍ଲିପ୍ ଦେଉଛନ୍ତି। ଉକ୍ତ ସ୍ଲିପକୁ କ୍ରୟକାରୀ ସଂସ୍ଥାକୁ ଦେଲେ ମଣ୍ଡିରେ ଏଣ୍ଟ୍ରି ହେଉଛି। ଉକ୍ତ ପ୍ରଥା ବନ୍ଦ, କ୍ରୟକାରୀ ସଂସ୍ଥା ଓ ଆର୍‌ଏମ୍‌ସି ବାରମ୍ବାର ଆପତ୍ତି, ଅଭିଯୋଗ ପରେ ମଧ ନିଜର ଦାୟିତ୍ୱ ନର୍ବାହ କରୁ ନାହାନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦିଅନ୍ତୁ, ଜୁନ ୩୦ ସୁଦ୍ଧ ରବି ମଣ୍ଡି ଶେଷ ହେଉଥିବାରୁ ଧାନ ପରିବହନ ଜନିତ ସମସ୍ୟାରେ ଚାଷୀ ହଇରାଣ ହେଉଛନ୍ତି । ଏଣୁ ପ୍ରୋକ୍ୟୁରମେଣ୍ଟ ପୁବରୁ ପ୍ରତ୍ୟେକ ବ୍ଲକ ଅଞ୍ଚଳରେ ପ୍ରଶାସନ, ଚାଷୀ, କ୍ରୟକାରୀ ସଂସ୍ଥା, ପରିବହନ ସଂସ୍ଥା, ଆର୍‌ଏମ୍‌ସି ମିଲରଙ୍କୁ ନେଇ କମିଟି ଗଠନ, ପୂର୍ବ ବର୍ଷର ସମସ୍ୟାକୁ ଆଖି ଆଗରେ ରଖି ପ୍ରସ୍ତୁତି ବୈଠକ କରିବା, ଏମ୍‌ଏସ୍‌ପି ଖାଲି ଅଖା ଓ ହ୍ୟାଣ୍ଡଲିଂ ଚାର୍ଜେସ ଚାଷୀ କିପରି ପାଇବେ ସେଥିପାଇ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏହି ଦାବିପତ୍ରର ନକଲ ଏମ୍‌ପି, ବିଧାୟକ, କେସିସି ବ୍ୟାଙ୍କ ସଭାପତି, ଉପଜିଲାପାଳ, ଡିଆକସିଏସ୍‌ଙ୍କୁ ପ୍ରଦାନ କରାଯାଇଛି।

# ଜରୁରିକାଳୀନ ପାଣି ବ୍ୟବସ୍ଥା ଦାବି

ଜୟପୁର, ୩।୫ (ନି.ପ୍ର.)

କାଳ ବୈଶାଖୀ କିମ୍ବା ଝଡ ତୋଫାନ ସମୟରେ ଅତି ଗରିବ ଓ ନିମ୍ନ ଶ୍ରେଣୀ ଲୋକଙ୍କ ନିମନ୍ତେ ଅତି ଜରୁରୀ ଆବଶ୍ୟକତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାଯ୍ୟକାରିତା ନେଇ ଏକ ଜରୁରୀକାଳିନ ପାଣି ବ୍ୟବସ୍ଥା କରିବାକୁ ଦାବି ହୋଇଛି। ଏନେଇ ସମାଜିକ କର୍ମୀ ବି.ହରି ରାଓ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଅତି ଗରୀବଭାବେ ଜୀବନ ଯାପନ କରୁଥିବା ଲୋକମାନେ କାଳ ବୈଶାଖୀ, ଝଡ଼ ତୋଫାନ ସମୟରେ ଗଛପତ୍ର ପଡି ଘର ଭାଙ୍ଗିଯିବା, ଘର ଭୁଶୁଡି ପଡିବା ହେତୁ ବହୁ କଷ୍ଟର ସମ୍ମୁଖୀନ ହେଉଛନ୍ତି। ଏଣୁ ସରକାର ଏବଂ ଦାୟିତ୍ୱ ବୋଧ ଅଧନସ୍ଥ କର୍ମଚାରୀଙ୍କ ଦ୍ୱାରା ଗୋଟିଏ ଜରୁରୀକାଳିନ ପାଣିର ବ୍ୟବସ୍ଥା କରାଗଲେ ଗରିବ ଲୋକମାନେ ତୁରନ୍ତ ସାହାଯ୍ୟ ପାଇପାରିବେ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ସରକାରଙ୍କ ପକ୍ଷରୁ ଏହାର ସୁବିଧା ରହିଛି। କିନ୍ତୁ ଏହାର କ୍ଷତିପୂରଣ ପାଇବା ପାଇଁ କୌଣସି ଘଟଣା ଘଟିଲେ ଦୀର୍ଘ ୯ମାସରୁ ୧୩ ମାସ ଲାଗିଯାଉଛି। ଜିଲାପାଳ ଓ ଉପଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଲେ ଗରୀବ ଲୋକେ ଉପକୃତ ହେବେ ବୋଲି ସାମାଜିକ କର୍ମୀ କହିଛନ୍ତି।



ଉପଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ସାମାଜିକ କର୍ମୀ ଓ ଅନ୍ୟମାନେ।

# ଚିତ୍ରକୋଟରେ ପାଟ ବାଲିଯାତ୍ରା

ତେନ୍ତୁଳିଖୁଣ୍ଟି, ୩।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମା ପଞ୍ଚାୟତ ଚିତ୍ରକୋଟ ଗ୍ରାମରେ ପାଟ ବାଲି ଯାତ୍ରା ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ବାଲିଯାତ୍ରା ୧୨ ବର୍ଷରେ ଥରେ ହୋଇଥାଏ। ଏହି ବାଲିଯାତ୍ରା ତିନିମାସ ଧରି ଚାଲିଥିବାବେଳେ ନଅ ଦିନ ଆଗରୁ ବାଲି ଅଣାଯାଏ। ଏହି ବାଲିକୁ ବାଲିଘରେ ରଖି ବାଉଁଶରେ ତିଆରି ନୂଆ ଚାଙ୍ଗୁଡ଼ି, ପତ୍ର ଓ ଦନାରେ ବାଲି ରଖି ବିହନ ଧାନ, ମାଣ୍ଡିଆ, ମକା, ସମସ୍ତ ପ୍ରକାର ମଞ୍ଜିକୁ ବୁଣି ଗଜା କରାଯାଏ। ଏହି ବିହନକୁ ପ୍ରତ୍ୟେକ ଦିନ ପୂଜାର୍ଚ୍ଚନା କରି ହଳଦୀ ପାଣି ଦେଇ ଥାଆନ୍ତି। ବାଲି ଆଣିବାଠାରୁ ନଅ ଦିନ ଧରି ସନ୍ଧ୍ୟାରେ ଗ୍ରାମର ଯୁବତୀ ଯୁବକ ଏକତ୍ରିତ ହୋଇ ଆନନ୍ଦ ଉଠେଇ ଥାଆନ୍ତି। ଶେଷ ଦିନରେ ଗ୍ରାମର ସମସ୍ତେ ବାହାରି ନାଚ, ଗୀତ, ଢେମସା ସହ ପାରମ୍ପରିକ ବେଶଭୂଷାରେ ସଜେଇ ହୋଇ ଗ୍ରାମର ମହିଳା ଯୁବତୀ ଯୁବକମାନେ ବାଲି ଚାଙ୍ଗୁଡ଼ି ଧରି ଶୋଭା ଯାତ୍ରାରେ ବାହାରି ଥାଆନ୍ତି। ବାଲିଯାତ୍ରାରେ ଯାନୀ, ଗୁରୁମାଇ ସିରାଙ୍କ ନିର୍ଦ୍ଦେଶରେ ପୂଜାର୍ଚ୍ଚନା ହୋଇଥାଏ। ବାଲିଯାତ୍ରାରେ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡ଼ାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ଏମ୍‌ପି ପ୍ରଦୀପ ମାଝି, ପ୍ରଫୁଲ୍ଲ ନାଗ , ବ୍ଲକ ଚେୟାରମ୍ୟାନ ନିଳେନ୍ଦ୍ରୀ ନାୟକ ,ଭାଇସ ଚେୟାରମ୍ୟାନ ରାଜେନ୍ଦ୍ର ବିଷୋୟୀ,ମଞ୍ଜୁଳା ମାଝି, ଧରଣୀ ସିଂହ,ଅଖିଳ ଭତରା, ବାବୁଲା ନାୟକ, ସୁରେଶ ନାୟକ ଭାଜପା ଜିଲା ସଭାପତି ଜଗଦୀଶ ବିଷୋୟୀ, ପାତ୍ରପୁଟ ସମିତି ସଭ୍ୟ ଦିଲ୍ଲୀପ ପ୍ରଧାନୀ, ଭୀମସେନ ପାଣିଗ୍ରାହୀ, ପ୍ରହଲ୍ଲାଦ ହିଆଲ, ସୁନିଲ ସିଂହ ଲିଙ୍ଗରାଜ ଭଞ୍ଜ ଯୋଗ ଦେଇଥିଲେ । ଚିତ୍ରକୋଟ ଗ୍ରାମର ସମସ୍ତ ବରିଷ୍ଠ ବ୍ୟକ୍ତି ଏହି ବାଲି ଯାତ୍ରାର ଆୟୋଜନରେ ସହଯୋଗ କରି ଥିଲେ। ବାଲି ଯାତ୍ରାରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳି ଥିଲା। ରାତିରେ ମନୋରଞ୍ଜନ ପାଇଁ ଦେଶିଆ କୋରାପୁଟିଆ ନାଟକ ପରିବେଷଣ କରାଯାଇଛି।


ବାଲୁଜାଙ୍ଗୁଡି ଧରି ଶୋଭାଯାତ୍ରାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ।

# ପୌରାଣିକ କଥାବସ୍ତୁ ବିଷୟରେ ପଢ଼ିବାକୁ ପରାମର୍ଶ

ଉମରକୋଟ, ୩।୫(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ଅଧୀନ ଫୁଲଝରି ଡ୍ୟାମରେ ପନବେଡା ବ୍ରାହ୍ମଣ ସମାଜର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏମ୍‌ପି ରମେଶ ଚନ୍ଦ୍ର ମାଝି,ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ନବରଙ୍ଗପୁର ଜିଲାପାଳ ଡ଼. କମଳ ଲୋଚନ ମିଶ୍ର, ରାଜ୍ୟ ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ କୁମାର ପାଢୀ, ନବରଙ୍ଗପୁର ଜିଲା ବ୍ରାହ୍ମଣ ସମାଜ ସଭାପତି ସୁରେଶ ଚନ୍ଦ୍ର ତ୍ରିପାଠୀ, ଧର୍ମଗଡ଼ ବ୍ଲକ ବ୍ରାହ୍ମଣ ସଭାପତି ବିଶ୍ୱ ରଞ୍ଜନ ପାତ୍ର, ଉମରକୋଟ ବ୍ରାହ୍ମଣ ସମାଜ ସମ୍ପାଦକ କୃଷ୍ଣଚନ୍ଦ୍ର ନନ୍ଦ, ଝରିଗାଁ ବ୍ଲକ ବ୍ରାହ୍ମଣ ସମାଜ ସମ୍ପାଦକ ମହେଶ୍ୱର ତିବାରି ଯୋଗଦେଇଥିଲେ। ଚନ୍ଦାହାଣ୍ଡି ବ୍ରାହ୍ମଣ ସମାଜ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅନୁଦାନ ଦେଇଥିବାରୁ ସମାଜର ସବୁବର୍ଗର ବ୍ୟକ୍ତି ବିଶେଷ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। କର୍ମମୟ ଜୀବନରୁ ସମୟ ବାହାର କରି ପ୍ରତି ସପ୍ତାହରେ ଥରେ ପୌରାଣିକ କଥାବସ୍ତୁ ବିଷୟରେ ନିଜେ ପଢ଼ିବା ଓ ପିଲାଙ୍କୁ ପଢ଼ାଇବା ଜରୁରୀ ବୋ ଅତିଥିମାନେ କହିଥିଲେ। ଅତିଥିମାନଙ୍କ ପରାମର୍ଶକୁ ଦୈନନ୍ଦିନ ଜୀବନରେ କାର୍ଯ୍ୟକାରୀ କରିବାକୁ ଜିଲା ବ୍ରାହ୍ମଣ ସମାଜ ସଭାପତି କହିଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ କିଶୋର ଖମାରି, ବିଶିକେସନ ପାଢ଼ୀ, ଦେବରାଜ ମୁଣ୍ଡ, ତ୍ରିନାଥ ଦାସ, ପ୍ରଦୀପ ଦାସ, ମୋହନ ମୁଣ୍ଡ, ସୁବାସ ମହାପାତ୍ର, ପ୍ରକାଶ ଚନ୍ଦ୍ର ମହାପାତ୍ର, ପ୍ରଦୀପ ପାଢ଼ୀ, ସୀମାଞ୍ଚଳ ରଥ, ଜୟଦେବ ଖମାରୀ, ପ୍ରଦୀପ ଅଗସ୍ତି, ସରୋଜ ଅଗସ୍ତି, ଡା. ବସନ୍ତ ଷଡଙ୍ଗୀ, ବିସିକେଶନ ପାଢ଼ୀ, ଉମରକୋଟ ଓକିଲ ସଂଘ ସଭାପତି ପ୍ରଶାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦେଶୀ ମଦଭାଟିକୁ ବିରୋଧ, ଭାଙ୍ଗିଦେଲେ ଗ୍ରାମବାସୀ

## ଥାନାରେ ମାମଲା, ୩ ଅଟକ

କୋଡ଼ିଙ୍ଗା, ୩।୫(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଡ଼ିଙ୍ଗା ଥାନା ଅଧୀନ ଡାଡିଆ ମଝିଗୁଡା ଗାଁରେ ଦେଶୀମଦ ଭାଟିକୁ ଗ୍ରାମବାସୀ ଭାଙ୍ଗି ଦେଇଛନ୍ତି। ଶୋଭାଯାତ୍ରାରେ ଶତାଧିକ ମହିଳା ପୁରୁଷ ଆସି ମଦ ଭାଟି ଭିତରେ ପ୍ରବେଶ କରି ରନ୍ଧା ଦେଶୀ ମଦ, ମଦ, ମହୁଲ ପୋଚ ଆଦି ନଷ୍ଟ କରିଦେଲେ। ଏହି ଘଟଣାରେ ଥାନାରେ ମାମଲା ହୋଇଛି। ଏନେଇ କୋଡିଙ୍ଗା ଥାନାରେ ଏକ ମାମଲା ରୁଜୁ କରାଯାଇ ୩ ଜଣକୁ ଅଟକ ରଖାଯାଇ ତଦନ୍ତ ଚାଲିଥିବା ପାପଡାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ ସୂଚନା ଦେଇଛନ୍ତି।

ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ବିଏମ୍ ସେମଳା ପଞ୍ଚାୟତ ଡାଡିଆ ମାଝିଗୁଡା ଗ୍ରାମରେ ବହୁ ବର୍ଷ ହେଲା ଗୋଟିଏ ଦେଶୀ ମଦ ଭାଟି ରହିଥିଲା। ଏଥିରେ ମଦ ତିଆରି ହେବାକୁ ନିୟମ ଥିବାବେଳେ ପାଉଚ ମାଧ୍ୟମରେ ଗାଁ ଗାଁକୁ ନେଇ ଭାଟି ମାଲିକ, କର୍ମଚାରୀ ବିକ୍ରୀ କରୁଥିବା ନେଇ ଗ୍ରାମବାସୀ ଦୀର୍ଘଦିନରୁ ଅଭିଯୋଗ କରିଆସୁଥିଲେ। ଦୀର୍ଘ ଦିନଧରି ଗ୍ରାମବାସୀ ଏହି ଦେଶୀମଦ ଭାଟି ବନ୍ଦ କରିବା ପାଇଁ ବାରମ୍ବାର ଦାବି କରିଆସୁଥିଲେ। ପ୍ରଶାସନ ଏହାକୁ କର୍ଣ୍ଣପାତ କରୁ ନ ଥିବାରୁ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ହାତରେ ପ୍ଲା କାର୍ଡ ସହ ଠେଙ୍ଗାବାଡି ଧରି ମଦଭାଟି ବିରୋଧୀ ସ୍ଲୋଗାନ ଦେଇ ଭାଟି ନିକଟରେ ପହଞ୍ଚିଥିଲେ। ସେମାନେ ପୋଲିସର ଉପସ୍ଥିତିରେ ମଦ ଭାଟିର କବାଟ ଭାଙ୍ଗି ଭିତରେ ଧସେଇ ପଶି ମଦ ନଷ୍ଟ କରିବା ସହ ଆସବାବ ପତ୍ର, ମଦ ତିଆରି ପାଇଁ ବ୍ୟବହୃତ ଯନ୍ତ୍ରାଂଶ ଭାଙ୍ଗି ନଷ୍ଟ କରିଥିଲେ। କୋଡ଼ିଙ୍ଗା ତହସିଲଦାର ଟିକୁନୁ ପୁଟା, ପାପଡ଼ାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, କୋଷାଗୁମୁଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରେମାନନ୍ଦ ସୁନାନୀ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଏ ନେଇ କୋଡ଼ିଙ୍ଗା ଥାନାରେ ଏକ ମାମଲା ରୁଜୁ କରାଯାଇ ୩ଜଣଙ୍କୁ ଅଟକ ରଖି ପୋଲିସ ତଦନ୍ତ କରୁଥିବା ଏସ୍‌ଡିପିଓ ସୂଚନା ଦେଇଛନ୍ତି।


ଗ୍ରାମବାସୀ ମଦଭାଟି ଭାଙ୍ଗିବାକୁ ଏକାଠି ହୋଇ ଯାଉଛନ୍ତି।



ମଦଭାଟି ଭିତରେ ଗ୍ରାମବାସୀ ଭଙ୍ଗାରୁଜା କରିଛନ୍ତି।

